ସାପ୍ତାହିକ
Postal Regd. No.: SBP/RN-01/2022-2024
# ସ୍ୱୀକାର
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ୰ ଶରତ ନାରାୟଣ ବେହେରା
RNI No. 66443/94
Vol.28 | Issue - 2 | 14 - 20 January 2024 | Sambalpur | Page- 8 | Invitation Price Rs.10

## ଜନ୍ମସ୍ଥାନ ଗୁରୁପାଲି ଓ ଶାସନ ହାଇସ୍କୁଲରେ ନୃସିଂହ ଗୁରୁଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ








ସମ୍ବଲପୁର : ପବିତ୍ର ବକୁଳ ଅମାବାସ୍ୟା ତିଥିରେ 'ପଶ୍ଚିମ ଓଡିଶାର ଗାନ୍ଧୀ' ରୂପେ ପରିଚିତ ପ୍ରବୀଣ ସ୍ୱାଧୀନତା ସଂଗ୍ରାମୀ ତଥା ପ୍ରଖ୍ୟାତ ସାମ୍ବାଦିକ ସ୍ୱର୍ଗତ ନୃସିଂହ ଗୁରୁଙ୍କ ୪୦ତମ ଶ୍ରାଦ୍ଧବାର୍ଷିକୀ ତାଙ୍କ ଜନ୍ମମାଟି ଶାସନ ଥାନା ଅନ୍ତର୍ଗତ ଗୁରୁପାଲି ଗ୍ରାମରେ ପାଳିତ ହୋଇଯାଇଛି । ବ୍ରଜୌଲି ସାମାଜିକ ଓ ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ଭାରତୀୟ ଖାଦ୍ୟ ନିଗମର ଅବସରପ୍ରାପ୍ତ ଡିପୋ ମ୍ୟାନେଜର ଶ୍ରୀ ଶ୍ୟାମ ସୁନ୍ଦର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶ୍ରାଦ୍ଧୋତ୍ସବରେ ଶିକ୍ଷାବିତ ଅରବିନ୍ଦ ମହାପାତ୍ର ମୁଖ୍ୟ ଅତିଥି, ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର ଓ ସିଦ୍ଧେଶ୍ୱରୀ ଧର୍ମ ସଂସଦର ସଭାପତି ଗୋପିନାଥ ଷଡଙ୍ଗୀ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ସ୍ୱର୍ଗତ ଗୁରୁଙ୍କ ତ୍ୟାଗପୂତ ଜୀବନର ସ୍ମୃତିଚାରଣ କରିଥିଲେ । ଏହି ଅବସରରେ ଅନୁଷ୍ଠାନର କ୍ୟାଲେଣ୍ଡରକୁ ଅତିଥି ମାନେ ଉନ୍ମୋଚନ କରିଥିଲେ । ସର୍ବଶ୍ରୀ ଲକ୍ଷ୍ମଣ ବାଗ, ଶାନ୍ତନୁ ବିଶ୍ୱାଳ, ରାହସବିହାରୀ ଦାଶ ଓ ବିଷ୍ଣୁ ବାଗ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ ।

ସେହିପରି ଶାସନ ହାଇସ୍କୁଲରେ ମଧ ନୃସିଂହ ଗୁରୁଙ୍କ ୪୦ତମ ପୁଣ୍ୟତିଥି ପାଳିତ ହୋଇଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ତାରାବତୀ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅବସରପ୍ରାପ୍ତ ଶିକ୍ଷା ମଣ୍ଡଳାଧୀଶ ଅରବିନ୍ଦ ମହାପାତ୍ର, ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର ଓ ସିଦ୍ଧେଶ୍ୱରୀ ଧର୍ମ ସଂସଦର ସଭାପତି ଗୋପିନାଥ ଷଡଙ୍ଗୀ ଅତିଥି ରୂପେ ଯୋଗ ଦେଇ ସ୍ୱର୍ଗତ ଗୁରୁଙ୍କ ଜୀବନୀ ଉପରେ ଆଲୋକପାତ କରି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ । ଶିକ୍ଷକ ଲକ୍ଷ୍ମୀନାରାୟଣ ଭୋଇ, ଶିକ୍ଷୟିତ୍ରୀ ପ୍ରିୟଦୀପ୍ତି ପଟ୍ଟନାୟକ, ତୃପ୍ତିବାଳା ପଣ୍ଡିତ ଓ ଗାୟତ୍ରୀ ଶୁଭଜିତା କର ପ୍ରମୁଖ ମଞ୍ଚାସୀନ ଥିଲେ । ଶିକ୍ଷୟିତ୍ରୀ ଅନୁପମା ବିଶ୍ୱାଳ ଏକ ସ୍ୱରଚିତ କବିତା ପାଠ କରି ଧନ୍ୟବାଦ ଅର୍ପଣ କରିଥିଲେ ।

## ଆଇଆଇଏମ୍ ସମ୍ବଲପୁର ପକ୍ଷରୁ ଏକ୍‌ଜିକ୍ୟୁଟିଭ୍ ଏମ୍.ବି.ଏ ପାଇଁ ସିଇଓ ଇମର୍ସନ କାର୍ଯ୍ୟକ୍ରମ

ବୁର୍ଲା :ଅଭିଜ୍ଞ ପେଶାଦାରମାନଙ୍କ ସହ ସିଧା ସଳଖ କଥାବାର୍ତ୍ତା ମାଧ୍ୟମରେ ବ୍ୟବହାରିକ ଜ୍ଞାନ, ଶିଳ୍ପ ଧାରା ଏବଂ ନେତୃତ୍ୱ ଦକ୍ଷତା ବିଷୟରେ ଅବଗତ କରିବା ଉଦ୍ଦେଶ୍ୟରେ ଆଇ.ଆଇ.ଏମ୍ ସମ୍ବଲପୁର ପକ୍ଷରୁ ୨୦୨୨-୨୪ ଓ ୨୦୨୩-୨୫ ବ୍ୟାଚ୍‌ର ଏକ୍‌ଜିକ୍ୟୁଟିଭ୍ ଏମ୍‌ବିଏ ପାଇଁ




ସିଇଓ ଇମର୍ସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ୭୭ ଜଣ କର୍ମଜୀବୀ ପେଶାଦାର (ୱାର୍କି ପ୍ରଫେସନାଲ୍) ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଭାରତ ସରକାରଙ୍କ ଆସୋସିଏସନ୍ ଅଫ୍ ଇଣ୍ଡିଆନ୍ ୟୁନିଭର୍ସିଟିର ଯୁଗ୍ମ ସଚିବ ଡକ୍ଟର ଆଲୋକ କୁମାର ମିଶ୍ର ଏକ୍‌ଜିକ୍ୟୁଟିଭ୍ ଶିକ୍ଷାର ଉଦୀୟମାନ ଦୃଶ୍ୟପଟ୍ଟ ସମ୍ପର୍କରେ ଆଲୋକପାତ କରିଥିଲେ ।

କାର୍ଯ୍ୟକ୍ରମରେ ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ସଭାପତି ତଥା କ୍ଲଷ୍ଟର ମୁଖ୍ୟ କୈଳାସ ପାଣ୍ଡେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଫଳ ବ୍ୟବସାୟିକ କାର୍ଯ୍ୟ ପାଇଁ ଆବଶ୍ୟକୀୟ ଉପାଦାନ ସମ୍ପର୍କରେ ଆଲୋକପାତ କରିବା ସହ ରଣନୀତି, ବାଂଚା, ବ୍ୟବସ୍ଥା ଏବଂ ଦକ୍ଷତା ସମେତ '୪ ଏସ୍'ର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଡାଲମିଆ ସିମେଣ୍ଟଭାରତ ଲିମିଟେଡର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ୟୁନିଟ୍ ମୁଖ୍ୟ ଚେତନ ଶ୍ରୀବାସ୍ତବ ଦଳଗତ କାର୍ଯ୍ୟର ମହତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ ।

ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ ସ୍ୱାଗତ ଭାଷଣ ଦେଇ କହିଛନ୍ତି ଯେ, 'ଏକ୍‌ଜିକ୍ୟୁଟିଭ୍ ଏମ୍‌ବିଏ ବ୍ୟାଚ୍ ପାଇଁ ଏକ ସାମଗ୍ରିକ ଶିକ୍ଷାର ବାତାବରଣ ସୃଷ୍ଟି କରିବା ଲାଗି ଆଇଆଇଏମ୍ ସମ୍ବଲପୁରର ରହିଥିବା ପ୍ରତିଶ୍ରୁତିବଦ୍ଧତାର ଏକ ଅବିଚ୍ଛେଦ୍ୟ ଅଂଶ ହେଉଛି ସିଇଓ ଇମର୍ସନ କାର୍ଯ୍ୟକ୍ରମ । ଜଣେ ସିଇଓ ତଥା ଲିଡରଙ୍କ ପାଇଁ ଦରକାର ଅତ୍ୟାବଶ୍ୟକ ଗୁଣର ଗୁରୁତ୍ୱ ଉପରେ ଆଲୋକପାତ କରି ସେ କହିଛନ୍ତି ଯେ ଜଣେ ଭଲ ଲିଡର ହେବା ପାଇଁ ବିପଦ ପରିଚାଳନା ଜାଣିବା, ଭାବନାତ୍ମକ ବୁଦ୍ଧିମତା, ଆତ୍ମସଚେତନତା ଏବଂ ସାମାଜିକ ଦକ୍ଷତାର ମିଶ୍ରଣ ଆବଶ୍ୟକ । ପ୍ରଫେସର ଜୟସ୍ୱାଲ ମଧ ଭଗବାନ ଶ୍ରୀକୃଷ୍ଣଙ୍କ ଉଦାହରଣ ଦେଇ କହିଥିଲେ ଯେ ଆତ୍ମନିୟନ୍ତ୍ରଣ ହେଉଛି ନିହାତି ଜରୁରୀ ଏବଂ ଛାତ୍ରଛାତ୍ରୀମାନେ ଏହି ଗୁଣ ବିକାଶ ପାଇଁ ପ୍ରୟାସ କରିବା ଉଚିତ । ଆଇଆଇଏମ୍ ସମ୍ବଲପୁରର ଏକ୍‌ଜିକ୍ୟୁଟିଭ୍ ଏମ୍‌ବିଏ ଅଧ୍ୟକ୍ଷା ପ୍ରଫେସର ଶିଖା ଭରଦ୍ୱାଜ ପ୍ରାରମ୍ଭିକ ସୂଚନା ଦେଇଥିଲେ । କାର୍ଯ୍ୟକ୍ରମରେ ଆଇଆଇଏମ୍ ସମ୍ବଲପୁର ଦିଲ୍ଲୀ କ୍ୟାମ୍ପସରେ କାର୍ଯ୍ୟରତ ପ୍ରଫେସନାଲ ଛାତ୍ରୀ ଡ. ଆଇଆଇଏମ ସମ୍ବଲପୁର ଦିଲ୍ଲୀ କ୍ୟାମ୍ପସର ୱାର୍କି ପ୍ରଫେସନାଲ ଡ. ଗିରିଶ ମୋହନ ଗୁପ୍ତାଙ୍କ ପତ୍ନୀ ଦିଲ୍ଲୀର ଶ୍ରୀମତୀ ଶାରଦା ଗୁପ୍ତାଙ୍କ ସମେତ ଆର୍ଥିକ ଅନଗ୍ରସର ପୃଷ୍ଠଭୂମିର ମନୋନୀତ ମେଧାବୀ ଏମ୍‌ବିଏ ଛାତ୍ରୀ ଆରୁଷି ଶ୍ରୀବାସ୍ତବ, ସଫଳ ଗୌରୀ ଗଣେଶ, ହିମାନ୍ତି ସୋନି ଓ ଉଜାଲା ସିଂହଙ୍କୁ ଶିକ୍ଷାରେ ଉତ୍କର୍ଷ ପାଇଁ ଏକ ଲକ୍ଷ ଟଙ୍କାର ବୃତ୍ତି ପ୍ରଦାନ କରାଯାଇଥିଲା ।

## ନାଟ୍ୟ ନିର୍ଦ୍ଦେଶକ ପ୍ରଦୀପ ପଣ୍ଡା ସମ୍ମାନିତ

ସମ୍ବଲପୁର: ସମ୍ବଲପୁର ବିଶ୍ୱିଦ୍ୟାଳୟର ୫୭ତମ ପ୍ରତିଷ୍ଠା ଦିବସ ଅବସରରେ ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ପ୍ରଦୀପ ପଣ୍ଡାଙ୍କୁ ସମ୍ମାନିତ କରାଯାଇଛି । କଳା ଓ ସଂସ୍କୃତି କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ବିଶ୍ୱ ବିଦ୍ୟାଳୟର ଏକ ଭବ୍ୟ ସମାରୋହରେ କୁଳପତି ପ୍ରଫେସର ବିଧୁ ଭୂଷଣ ମିଶ୍ରଙ୍କ ପୌରୋହିତ୍ୟରେ ରାଉରକେଲା ଏନ୍.ଆଇ.ଟି. ର ନିର୍ଦ୍ଦେଶକ



ପ୍ରଫେସର କେ. ଉମାମହେଶ୍ୱର୍ ରାଓ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶ୍ରୀ ପଣ୍ଡାଙ୍କୁ ସମ୍ମାନିତ କରି ଥିଲେ । ପ୍ରାୟ ଅର୍ଦ୍ଧଶତାବ୍ଦୀ ଧରି ମଞ୍ଚ ନାଟକ ସହ ସଂପୃକ୍ତ ରହି ପଚାଶ ରୁ ଉର୍ଦ୍ଧ ନାଟକରେ ଅଭିନୟ କରିବା ସହ ନିର୍ଦ୍ଦେଶନା ଦେଇ ଆସିଛନ୍ତି । ଏନ୍ତା ଏନ୍ତା କଥା, ରାମଦାସର୍ କଥାନୀ,ଦିନ, ଭାର, ଫୁଲ୍, ତମେ ଅଛି ବୋଲି ତାଙ୍କର ଅଭିନୀତ ଓ ନିର୍ଦ୍ଦେଶିତ ପ୍ରମୁଖ ନାଟକ ମଞ୍ଚସ୍ଥ ହୋଇଛି ।

## ଏ ସଂଖ୍ୟାରେ..


ରକ୍ତରେ ଶର୍କରା ନିୟନ୍ତ୍ରଣ କରେ କଲରା ଜୁସ୍


ଜିରା କମ୍ କରିବ ଓଜନ


ସାସ୍ଥ୍ୟ ଉପଯୋଗୀ ଟମାଟୋ


ଲାଭଦାୟକ ସାରୁ ପତ୍ର


ଫୁସ୍‌ଫୁସ୍ କ୍ୟାନସର ଦୂର କରିବ ବାଦାମ


ଆମ୍ବର ଉପକାରିତା

# ଝାରସୁଗୁଡ଼ା ହାର୍ଟ ହସ୍ପିଟାଲ କାର୍ଯ୍ୟକ୍ଷମ ହେବ କେବେ ?

ଝାରସୁଗୁଡ଼ା: ଝାରସୁଗୁଡ଼ାରେ ପଶ୍ଚିମ ଓଡ଼ିଶାର ପ୍ରଥମ ସରକାରୀ ସୁପରସ୍ପେସାଲିଟି ହାର୍ଟ ହସ୍ପିଟାଲ୍ ପାଇଁ ରାଜ୍ୟ ସରକାରଙ୍କ ପ୍ରଥମ ଚୁକ୍ତିନାମାକୁ ୭ ବର୍ଷ ପୂରିଛି । ହସ୍ପିଟାଲ ନିର୍ମାଣକୁ ମଧ ୨ ବର୍ଷ ପୂରିଥିବା ବେଳେ ୨ ମାସ ହେଲା ଏହାର ପରିଚାଳନା ନୂଆ ସଂସ୍ଥାକୁ ଦିଆସରିଛି । ଏସବୁ ସତ୍ତ୍ୱେ ହସ୍ପିଟାଲ ଏଯାଏ କାର୍ଯ୍ୟକ୍ଷମ ହୋଇନାହିଁ । କାହା ନାମରେ ଏହି ହସ୍ପିଟାଲ ହେବ ତାକୁ ନେଇ ବିବାଦ ଉପୁଜିବା ପରେ ନୂଆ କରି ଟେଣ୍ଡର ପାଇଥିବା ସଂସ୍ଥା ସହ ମଧ ଚୁକ୍ତିନାମା ହୋଇପାରୁନି । ଗତ ମାସରୁ ଜିଲ୍ଲା ପ୍ରଶାସନ ମଧ ଏ ସମ୍ପର୍କରେ ଏକ ରିପୋର୍ଟ ରାଜ୍ୟ ସରକାରଙ୍କ ନିକଟକୁ ପଠାଇ ନିଜ ଦୋଷ ତୁଟାଇ ଦେଇଥିବା ବେଳେ ହାର୍ଟ ହସ୍ପିଟାଲର ଭବିଷ୍ୟତ କଣ ହେବ ତାର ଉତ୍ତର କାହା ପାଖରେ ନାହିଁ । ରାଜନୈତିକ ଅଭିସନ୍ଧି ରଖି ବୃହତ୍ତର ସ୍ୱାର୍ଥରେ ନିର୍ମାଣ ଏହି ହସ୍ପିଟାଲର ଭାଗ୍ୟକୁ ବାରମ୍ବାର ଅନିଶ୍ଚିତତା ଭିତରକୁ ଠେଲି ଦିଆଯାଉଥିବା ଅଭିଯୋଗ ହେଉଛି ।

ଝାରସୁଗୁଡ଼ାରେ ପଶ୍ଚିମ ଓଡ଼ିଶାର ପ୍ରଥମ ସରକାରୀ ସୁପରସ୍ପେସାଲିଟି ହାର୍ଟ ହସ୍ପିଟାଲର ପରିକଳ୍ପନା ହୋଇଥିଲା । ଯେଉଁଥିରେ କଳାହାଣ୍ଡିରୁ ନେଇ ସୁନ୍ଦରଗଡ଼ ଯାଏ ରୋଗୀ ଉପକୃତ ହେବେ ବୋଲି କୁହାଯାଇଥିଲା । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ୨୪.୧୨.୨୦୧୬ରେ ହସ୍ପିଟାଲ ପାଇଁ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ମେସର୍ସ କ୍ୱାଲିଟି କେୟାର ଇଣ୍ଡିଆ ଲିମିଟେଡ୍ ମଧରେ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ଏଭଳି କିଛି ଆଶା ଦେଖାଇ ୭୫ କୋଟି ଟଙ୍କା ବ୍ୟାୟ ଅଟକଳରେ ୧୦୦ ଶଯ୍ୟା ବିଶିଷ୍ଟ ହାର୍ଟ ହସ୍ପିଟାଲର ନିର୍ମାଣ କାମ ଆରମ୍ଭ ହୋଇଥିଲା । ୨୦୨୧ରେ ନିର୍ମାଣ କାମ ଶେଷ ବି ହୋଇଥିଲା । କିନ୍ତୁ ନିର୍ମାଣ ସରିବା ପୂର୍ବରୁ କେୟାର ହସ୍ପିଟାଲ ଚୁକ୍ତିରୁ ଓହରି ଗଲା । ଏହା ପରେ ମେଦାନ୍ତ ହସ୍ପିଟାଲ ସହିତ ଚୁକ୍ତି କରିବାକୁ ରାଜ୍ୟ ସରକାର ଉଦ୍ୟମ ଆରମ୍ଭ କରିଥିଲେ । କିନ୍ତୁ ତାହା ସମ୍ଭବ ହୋଇ ନ ଥିଲା । ହାର୍ଟ ହସ୍ପିଟାଲର ପରିଚାଳନା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଆହୁତ ଟେଣ୍ଡର ଗତ ମାସରେ ଖୋଲିବା ପରେ କୋଲକାତାର ବିଏମ୍ଆର୍ସି ହସ୍ପିଟାଲ ପ୍ରାଇଭେଟ୍ ଲିମିଟେଡ୍କୁ ପରିଚାଳନା ଦାୟିତ୍ୱ ମିଳିଥିଲା । ଏହି ହସ୍ପିଟାଲର ନାମ ଦାବି କ'ଣ ହେବ ସେ ନେଇ ଜିଲ୍ଲା ପ୍ରଶାସନକୁ ପ୍ରସ୍ତାବ ମାଗିଥିଲେ ରାଜ୍ୟ ସରକାର । ଜିଲ୍ଲା ପ୍ରଶାସନ, ସିଭିଲ ସୋସାଇଟି ଓ ରାଜନୈତିକ ଦଳଙ୍କ ବୈଠକ ପରେ ବି କେଉଁ ନାଁ ପ୍ରସ୍ତାବ ଦିଆଯିବ ସେ ନେଇ ନିଷ୍କର୍ଷ ବାହାରି ପାରି ନ ଥିଲା । ଓଲଟା କିଏ ନବ ଦାସଙ୍କ ନାଁରେ ତ କିଏ କିଶୋର ମହାନ୍ତିଙ୍କ ନାଁରେ, ଆଉ କିଏ ବିଜୁ ପଟ୍ଟନାୟକଙ୍କ ନାଁରେ କରିବାକୁ ଦାବି କରିଥିଲେ । ଫଳରେ ନାମ ସ୍ଥିର ହୋଇପାରୁ ନ ଥିବାରୁ ବିଏମ୍ଆରସି ହସ୍ପିଟାଲ ସହ ଚୁକ୍ତି ବି ହୋଇପାରୁ ନାହିଁ ।

ଇତି ମଧରେ ହସ୍ପିଟାଲ ପାଇଁ ଆସିଥିବା ଯନ୍ତ୍ରାଂଶଗୁଡ଼ିକ ମଧରୁ ପ୍ରାୟ ୮୦ ପ୍ରତିଶତକୁ ଏକାଧିକ ପର୍ଯ୍ୟାୟରେ ରାଜ୍ୟ ସରକାର ଅନ୍ୟ ମେଡିକାଲଗୁଡ଼ିକୁ ସ୍ଥାନାନ୍ତର କରିସାରିଲେଣି । ଏବେ ନୂଆ ସଂସ୍ଥା ସହ ଚୁକ୍ତି ପରେ ପୁଣି ଥରେ ଫେରି ଯାଇଥିବା ଯନ୍ତ୍ରାଂଶର ଉନ୍ନତ ମେସିନ୍ ଆସିବ ବୋଲି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି । ଗୋଟିଏ ପଟେ ନିର୍ମାଣରେ ବିଳମ୍ବ ଓ ପରିଚାଳନା ଦାୟିତ୍ୱରେ ଥିବା ସଂସ୍ଥା ଓହରିଯିବା ପରେ ବି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଚେତା ପଶିନି । ଏଭଳି ସ୍ଥିତି ଲାଗିରହିଲେ ନୂଆ କରି ଟେଣ୍ଡର ପାଇଥିବା ସଂସ୍ଥା ବି ଫେରିଯିବା ଆଶଙ୍କା ଦେଖା ଦେଲାଣି ।

# ଗୁରୁ ବିନା ଜ୍ଞାନ କିମ୍ବା ମୋକ୍ଷ ମିଳେ ନାହିଁ

**ଗୁ**ରୁ ହିଁ ମାତା, ଗୁରୁ ହିଁ ପିତା, ଗୁରୁ ହିଁ ବନ୍ଧୁ, ଗୁରୁ ହିଁ ସଖା, ଗୁରୁ ହିଁ ବିଦ୍ୟା ଓ ଗୁରୁ ହିଁ ଗୋବିନ୍ଦ । ପ୍ରକୃତରେ ଗୁରୁଙ୍କର ମହିମା ଅପାର । ତାଙ୍କର ମହିମା ଶବ୍ଦାତୀତ । ଯେତେବେଳେ ଗୁରୁକୃପାରୁ ଶିଷ୍ୟକୁ ଆତ୍ମଜ୍ଞାନର ପରମ ଉପଲବ୍ଧି ହୋଇଯାଏ, ସେତେବେଳେ ଶିଷ୍ୟର ହୃଦୟରେ ଆତ୍ମଜ୍ଞାନର ପରମ ପ୍ରକାଶର ବିସ୍ତାର ହୋଇଯାଏ, ଠିକ୍ ଯେପରି ସୂର୍ଯ୍ୟଙ୍କ ଆଗରେ ତାଙ୍କର ନିଜର ପ୍ରକାଶ ବିସ୍ତାରିତ ହୋଇଥାଏ ।

ସେତେବେଳେ ସେହି ଅବସ୍ଥାରେ ଶିଷ୍ୟ ଦୈହିକ, ଦୈବିକ, ଭୌତିକ ତାପ ଗୁଡ଼ିକରୁ ସଦାସର୍ବଦା ପାଇଁ ମୁକ୍ତ ହୋଇଯାଏ । ସେ ସମସ୍ତ ଦୁଃଖରୁ ମୁକ୍ତ ହୋଇଯାଏ । ସେ ଜନ୍ମ-ମରଣର ଚକ୍ରବୃହକୁ ଭାଙ୍ଗି ଚିରଦିନ ପାଇଁ ମୁକ୍ତ ହୋଇଯାଏ । ସେ ନିଜର ବାସ୍ତବିକ ସ୍ୱରୂପକୁ ପାଇନିଏ, ଚିହ୍ନିନିଏ ଏବଂ ସେଥିରେ ଅବସ୍ଥିତ ହୋଇଯାଏ । ସେଥିପାଇଁ କୁହାଯାଇଛି ଯେ ତ୍ରିଲୋକରେ ଗୁରୁଙ୍କ ସମାନ ଉପକାରୀ, ଗୁରୁଙ୍କ ସମାନ ପରୋପକାରୀ, ଗୁରୁଙ୍କ ସମାନ ଦାତା କେହି ନାହିଁ । ତେଣୁକରି ଗୁରୁଙ୍କ ମହତ୍ତ୍ୱକୁ ପ୍ରକାଶିତ କରି ସନ୍ଥ କବୀର କହିଛନ୍ତି-

ଗୁରୁ ସମାନ ଦାତା ନହୀଂ, ଯାଚକ
ଶିଷ୍ୟ ସମାନ ।
ତୀନ ଲୋକ କୀ ସଂପଦା, ସୋ
ଗୁରୁ ଦୀନ୍‌ହା ଦାନ ।।
ଗୁରୁ ବିନୁ ଜ୍ଞାନ ନ ଉପଜୈ, ଗୁରୁ
ବିନୁ ମିଲୈ ନ ମୋଷ ।
ଗୁରୁ ବିନୁ ଲଖୈ ନ ସତ୍ୟ କୋ,
ଗୁରୁ ବିନୁ ମିଟେ ନ ଦୋଷ ।।
କୁମତି କୀଚ ଚେଲା ଭରା, ଗୁରୁ
ଜ୍ଞାନ ଜଲ ହୋୟ ।
ଜନ୍ମ-ଜନ୍ମ କା କାଚରା, ପଲ ମେଁ
ଡାରେ ଧୋୟ ।।
ଗୁରୁ କୁମ୍‌ହାର ସିଷ କୁଂଭ ହୈ,
ଗଢ଼ି ଗଢ଼ି କାଢ଼ୈ ଖୋଟ ।
ଅନ୍ତର ହାଥ ସହାର ଦେ, ବାହର
ମାରେ ଚୋଟ ।।
ପଂଡ଼ିତ ପଢ଼ି ଗୁନି ପଚିମୁୟେ,
ଗୁରୁ ବିନୁ ମିଲୈ ନ ଜ୍ଞାନ ।
ଜ୍ଞାନ ବିନା ନହୀଂ ମୁକ୍ତି ହୈ, ସତ୍ୟ
ଶବ୍ଦ ପରମାନ ।।

ଅର୍ଥାତ୍ ଗୁରୁଙ୍କ ସମାନ କେହି ଦାତା ନାହିଁ ଓ ଶିଷ୍ୟ ସଦୃଶ ଯାଚକ ନାହିଁ । ଗୁରୁ ତ୍ରିଲୋକର ସମ୍ପଦ ଠାରୁ ବଳି ଆତ୍ମଜ୍ଞାନ ନିଜର ଶିଷ୍ୟକୁ ଦାନ କରିଦିଅନ୍ତି । ଏପରି ସଦ୍‌ଗୁରୁଙ୍କ ବିନା ଶିଷ୍ୟ ମଧରେ ଜ୍ଞାନ ଉତ୍ପନ୍ନ ହୁଏ ନାହିଁ । ଗୁରୁଙ୍କ ବିନା ମୋକ୍ଷ ମିଳେ ନାହିଁ । ଗୁରୁଙ୍କ ବିନା କେହି ସତ୍ୟକୁ ସାକ୍ଷାତ୍‌କାର କରି ନ ପାରେ ଏବଂ ଗୁରୁଙ୍କ ବିନା ତନୁ, ମନ, ବଚନର ଦୋଷ ଦୂର ହୁଏ ନାହିଁ । ଶିଷ୍ୟ କୁବୁଦ୍ଧି ରୂପୀ ପଙ୍କରେ ପରିପୂର୍ଣ୍ଣ ଏବଂ ସେହି ପଙ୍କକୁ ଧୋଇବା ପାଇଁ ଗୁରୁଙ୍କ ଜ୍ଞାନ ହିଁ ଜଳର କାମ ଦେଇଥାଏ ।

ଶିଷ୍ୟର ଜନ୍ମ- ଜନ୍ମାନ୍ତରର ଦୋଷ, ଦୁର୍ଗୁଣ ଆଦିକୁ ଗୁରୁ କ୍ଷଣିକ ମଧରେ ନଷ୍ଟ କରିଦିଅନ୍ତି । ଗୁରୁ କୁମ୍ଭାର ହେଲେ ଶିଷ୍ୟ ଘଡ଼ା । ଗୁରୁ ଘଡ଼ା ରୂପୀ ଶିଷ୍ୟକୁ କୁମ୍ଭାର ପରି ନିଜ ହାତର ଆଶ୍ରୟ ଦେଇ, ବାହାରୁ ଆଘାତ ଦେଇ ତଥା ଗଢ଼ି ଗଢ଼ି ଶିଷ୍ୟର ଦୋଷ, ଦୁର୍ଗୁଣଗୁଡ଼ିକୁ ଦୂର କରି ତାକୁ ସୁଗଠିତ, ସୁନ୍ଦର ଓ ଶ୍ରେଷ୍ଠ କରିଦିଅନ୍ତି । ବଡ଼ ବଡ଼ ବିଦ୍ୱାନ ଶାସ୍ତ୍ରଗୁଡ଼ିକୁ ପଢ଼ି ପଢ଼ି ଜ୍ଞାନୀ ହେବାର ଦମ୍ଭ କରନ୍ତି, କିନ୍ତୁ ବାସ୍ତବରେ ଗୁରୁଙ୍କ ବିନା ସେମାନଙ୍କୁ ଜ୍ଞାନ ମିଳେ ନାହିଁ ଏବଂ ଜ୍ଞାନ ବିନା ମୁକ୍ତି ମଧ ମିଳେ ନାହିଁ ।

ଜ୍ଞାନର ଅଭାବରେ ବ୍ୟକ୍ତି ଅଜ୍ଞାନ ରୂପୀ ଅନ୍ଧକାରରେ ଘୂରିବୁଲେ, ଠୋକର ଖାଏ, ଦୁଃଖ ପାଏ ଓ ଜନ୍ମ-ମରଣର ଚକ୍ରବ୍ୟୁହରେ ଫସି ଜନ୍ମ–ଜନ୍ମାନ୍ତର ପର୍ଯ୍ୟନ୍ତ ବିଳାପ କରିଥାଏ । ଏସବୁ ପ୍ରକାର ଦୁଃଖରୁ ମୁକ୍ତ ହୋଇ ପରମ ଆନନ୍ଦର ଅବସ୍ଥା ପାଇବା ପାଇଁ ଆତ୍ମଜ୍ଞାନ, ବ୍ରହ୍ମଜ୍ଞାନ ହିଁ ଏକମାତ୍ର ଉପାୟ ଏବଂ ତାହାର ଉପଲବ୍ଧି ନିମନ୍ତେ କୌଣସି ଆତ୍ମଜ୍ଞାନୀ, ବ୍ରହ୍ମଜ୍ଞାନୀ ଗୁରୁଙ୍କ ମାର୍ଗଦର୍ଶନ, ସଂରକ୍ଷଣ ମଧ ଆବଶ୍ୟକ ।

ପ୍ରଶ୍ନ ଉଠୁଛି ଯେ ଏଭଳି ଆତ୍ମଜ୍ଞାନୀ, ବ୍ରହ୍ମଜ୍ଞାନୀ ଗୁରୁ ଆମକୁ କେଉଁଠୁ ଓ କିପରି ମିଳିବେ ? ଏହି ପ୍ରଶ୍ନ ଉଚିତ୍ କାରଣ ଏଭଳି ଆତ୍ମଜ୍ଞାନୀ, ବ୍ରହ୍ମଜ୍ଞାନୀ ଗୁରୁ ବିରଳ ହୋଇଥାନ୍ତି । ଆଜି ସଂସାରରେ ଗୁରୁ ନାଁରେ, ଗୁରୁ ବେଶରେ ଅଗଣିତ ଲୋକ ଦେଖିବାକୁ ମିଳୁଛନ୍ତି, କିନ୍ତୁ ସେମାନଙ୍କ ମଧରେ ଲେଶ ମାତ୍ର ଆତ୍ମଜ୍ଞାନ, ବ୍ରହ୍ମଜ୍ଞାନ ନ ଥାଏ ।

ଏପରି ଗୁରୁ ଯଦି ମିଳିଯିବେ ତ ଆମର କୌଣସି ପ୍ରୟୋଜନ ସିଦ୍ଧ ହେବ ନାହିଁ । କାରଣ ଯିଏ ସ୍ୱୟଂ ଆତ୍ମଜ୍ଞାନ, ବ୍ରହ୍ମଜ୍ଞାନ ପ୍ରତି ବିମୁଖ ଏବଂ ସ୍ୱୟଂ ବନ୍ଧନରେ ରହିଛନ୍ତି, ସେ ଆମକୁ ବନ୍ଧନମୁକ୍ତ କରି ପାରିବେ କିପରି ? ଯିଏ ସ୍ୱୟଂ ଅହଂକାର, କାମ, କ୍ରୋଧ, ମୋହ, ଲୋଭରେ ଆକଣ୍ଠ ବୁଡ଼ି ରହିଛନ୍ତି, ସେ ଆମକୁ ସେଥିରୁ ମୁକ୍ତ କରି ପାରିବେ କିପରି ?

ଯିଏ ସ୍ୱୟଂ ସଂସାର ସାଗରରେ ବୁଡ଼ି ରହିଛନ୍ତି, ସେ ଆମକୁ ସେଥିରୁ ପାର କରାଇ ପାରିବେ କିପରି ? ଯିଏ ସ୍ୱୟଂ ଅହଂକାର ଓ କ୍ରୋଧରେ ଦିନ-ରାତି ଜଳୁଛନ୍ତି, ସେ ଆମକୁ ସେଥିରୁ ବଞ୍ଚାଇବେ କିପରି ? ତେଣୁ ଏଭଳି ଗୁରୁମାନଙ୍କ ଠାରୁ ଆମେ ଦୂରେଇ ରହିବା ଉଚିତ । କାରଣ ଏପରି ଲୋକେ ଆମର ମାର୍ଗଦର୍ଶନ କରାଇବାରେ ସମର୍ଥ ହୋଇ ପାରିବେ ନାହିଁ ଏବଂ ଓଲଟା ଆମର କ୍ଷତି କରିବେ । ସେଥିପାଇଁ ସନ୍ଥ କବୀର ମଧ ଆମକୁ ସାବଧାନ, ସଚେତ କରିଦେଇ କହିଛନ୍ତି-

ଗୁରୁ କିୟା ହୈ ଦେହ କା,
ସତଗୁରୁ ଚୀନ୍‌ହା ନାହିଁ ।
ଭବସାଗର କେ ଜାଲ ମେଂ,
ଫିର-ଫିର ଗୋତା ଖାହି ।।
ଜା ଗୁରୁ ତେ ଭ୍ରମ ନ ମିଟେ, ଭ୍ରାନ୍ତି
ନ ଜିବ କା ଜାୟ ।
ସୋ ଗୁରୁ ଝୁଠା ଜାନିଏ, ତ୍ୟାଗତ
ଦେର ନ ଲାୟ ।।
ଜା ଗୁରୁ କୋ ତୋ ଗମ ନହୀ,
ପାହନ ଦିୟା ବତାୟ ।
ଶିଷ ଶୋଧେ ବିନ ସେଇୟା,
ପାର ନ ପହୁଁଚା ଜାୟ ।।
କବୀର ବେଡ଼ା ସାର ଗା, ଉପର
ଲାଦା ସାର ।।
ପାପୀ କା ପାପୀ ଗୁରୁ, ଯୋ ବୂଡ଼ା
ସଂସାର ।
ଜାକା ଗୁରୁ ହୈ ଗୀରହୀ, ଗିରହୀ
ଚେଲା ହୋୟ ।
କୀଚ କୀଚ କେ ଧୋବତେ, ଦାଗ
ନ ଛୁଟେ କୋୟ ।
ଗୁରୁବା ତୋ ସସ୍ତା ଭୟା, କୌଡୀ
ଅର୍ଥ ପଚାସ । ଏ
ଅପନେ ତନ କୀ ସୁଧ ନହୀ,
ଶିଷ୍ୟ କରନ କୀ ଆସ ।।
ଗୁରୁବା ତୋ ଘର-ଘର ଫିରେ
ଦୀକ୍ଷା ହମାରୀ ଲେହ ।
କୈ ବୁଢ଼ୋ କୈ ଉବରୋ, ଟକା
ପରଦନୀ ଦେହ ।
ବଂଧେ କୋ ବଂଧା ମିଲା, ଛୁଟି
କୌନ ଉପାୟ ।
କର ସେବା ନିରବଂଧ କୀ, ପଲ
ମଂ ଲେୟ ଛୁଡ଼ାୟ ।
ଗୁରୁ ଲୋଭୀ ଶିଷ ଲାଲଚୀ,
ଦୋନୋଂ ଖେଲେ ଦାଂବ ।
ଦୋନୋଂ ବୁଢ଼େ ବାପୁରେ, ଚଢ଼ି
ପଥର କୀ ନାଂବ ।
ଜା କା ଗୁରୁ ହୈ ଆଁଧରା, ଚେଲା
ଖରା ନିରଂଧ ।
ଅଂଧେ କୋ ଅଂଧା ମିଲା, ପଡ଼ା
କାଲ କେ ଫନ୍ଦ ।।
ଜାନୀତା ବୁଝା ନହୀଂ, ବୁଝି କିୟା
ନହୀଂ ଗୌନ ।
ଅଂଧେ କୋ ଅଂଧା ମିଲା, ରାହ
ବତାବେ କୌନ ।।
ଆଗେ ଅଂଧା କୂପ ମେଂ, ଦୂଜେ
ଲିୟା ବୁଲାୟ ।
ଦୋନୋଂ ବୁଢ଼େ ବାପୁରେ,
ନିକସେ କୌନ ଉପାୟ ।।

ଅର୍ଥାତ୍ କେବଳ ଜାତି, ରଙ୍ଗ, ରୂପ, ବେଶଭୂଷାକୁ ଦେଖି ଯିଏ ଗୁରୁ କରିଛି, ସେ ଦେହକୁ ହିଁ ଗୁରୁ କରିଛି, ବାସ୍ତବିକ ସଦ୍‌ଗୁରୁଙ୍କୁ ସେ ପରଖି ପାରି ନାହିଁ । ଏପରି ଲୋକେ ବାରମ୍ବାର ଭବସାଗରରେ ବୁଡ଼ିବେ । ଯେଉଁ ଗୁରୁଙ୍କ ଦ୍ୱାରା ଅଜ୍ଞାନ ଦୂର ହୁଏ ନାହିଁ ଏବଂ ହୃଦୟର ସନ୍ଦେହ ସମାପ୍ତ ହୁଏ ନାହିଁ, ଏପରି ଗୁରୁଙ୍କୁ ମିଥ୍ୟା ମାନିବା ଓ ତାଙ୍କୁ ଛାଡ଼ିଦେବାରେ ବିଳମ୍ବ ନ କରିବା ଉଚିତ । ଯେଉଁ ଗୁରୁଙ୍କୁ ଜ୍ଞାନର ମାର୍ଗ ଜଣା ନାହିଁ, ସେ ଶିଷ୍ୟକୁ କେବଳ ପଥର ପୂଜା କରିବା କଥା କହିଦିଅନ୍ତି ଏବଂ ଶିଷ୍ୟ ମଧ କୌଣସି ପରଖି ନ କରି ତାଙ୍କ ଅନୁସାରେ ସେହି କାମ କରିବାରେ ଲାଗେ ଓ ସେଥିପାଇଁ ଶେଷରେ ସେ ପାରପାଏ ନାହିଁ । ତା'ର କଲ୍ୟାଣ ହୋଇ ପାରେ ନାହିଁ ।

ସନ୍ଥ କବୀର କହିଛନ୍ତି– 'ଲୁହାର ନାବ ଉପରେ ଲୁହାର ଭାର ଲଦା ହୋଇଛି । ଅର୍ଥାତ୍ ପାପୀ ମନୁଷ୍ୟକୁ ପାପୀ ଗୁରୁ ମିଳିଯାଏ, ଏହିପରି ଉଭୟ ବୁଡ଼ିଯାନ୍ତି । ଯାହାର ଗୁରୁ ସ୍ୱୟଂ ବନ୍ଧନରେ ପଡ଼ିଛନ୍ତି, ସଂସାରର ଆସକ୍ତିରେ ବୁଡ଼ିଛନ୍ତି, ସେପରି ଗୁରୁଙ୍କ ଦ୍ୱାରା ଶିଷ୍ୟର କଲ୍ୟାଣ କିପରି ହେବ ? ପଙ୍କର ଦାଗ କ'ଣ ପଙ୍କରେ ଛାଡ଼ି ପାରିବ ? ପଇସା ପାଇଁ ଅସଂଖ୍ୟ ଶସ୍ତା ଗୁରୁ ବୁଲୁଛନ୍ତି । ସେମାନଙ୍କୁ ସ୍ୱୟଂ ନିଜ ଶରୀରର, ଆଚରଣର ଖବର ଜଣା ନ ଥାଏ, ତଥାପି ସେମାନେ ଶିଷ୍ୟ ତିଆରି କରିବା ପାଇଁ ଆତୁର ହୋଇଥାନ୍ତି ।

ଏପରି ଗୁରୁ ଘର-ଘର, ଦ୍ୱାର–ଦ୍ୱାର ବୁଲି କହନ୍ତି- 'ଆମ ଠାରୁ ମନ୍ତ୍ର ନିଅ, ଆମ ଠାରୁ ଦୀକ୍ଷା ନିଅ, ତୁମେ ପଛେ ବୁଡ଼ କି ଉଠ, ଆମକୁ ତ ଧୋତି-ପଇସା ଦରକାର ।' ଏପରି ଗୁରୁ ମିଳିବା ଅର୍ଥ ଗୋଟିଏ ବନ୍ଦୀକୁ (ବନ୍ଧନରେ ପଡ଼ିଥିବା ବ୍ୟକ୍ତିକୁ) ଆଉ ଜଣେ ବନ୍ଦୀ ମିଳିଗଲା, ତାହେଲେ ସେଇ ଶିଷ୍ୟ ସ୍ୱୟଂ ମୁକ୍ତ ହୋଇ ପାରିବ କିପରି ? ଏଣୁ ଯିଏ ବନ୍ଧନହୀନ (ସ୍ୱୟଂ ବନ୍ଧନ ମୁକ୍ତ), ତାଙ୍କର ସେବା କର, ସେ ତୁମକୁ କ୍ଷଣିକ ମଧରେ ମୁକ୍ତ କରିଦେବେ ।

ଯଦି ଗୁରୁ ଓ ଶିଷ୍ୟ ଉଭୟ ଲୋଭୀ ହୋଇଥାନ୍ତି, ଉଭୟ ପରସ୍ପରକୁ ଠକିବାର ଚକ୍କରରେ ଥାଆନ୍ତି, ତାହେଲେ ଦୁହେଁ ପରସ୍ପର ସହିତ ନିଜ ନିଜର ବାଜି ଲଗାଇବେ, ଖେଳିବେ ଏବଂ ବିଚରା ସେ ଦୁହେଁ ଅଜ୍ଞାନ ରୂପୀ ପଥରର ନୌକାରେ ବସି ବୁଡ଼ି ମରିଯିବେ । ଯାହାର ଗୁରୁ ହିଁ ଅବିବେକୀ, ତାଙ୍କର ଶିଷ୍ୟ ତ ମହା ଅବିବେକୀ ନିଶ୍ଚୟ ହେବ । ଅବିବେକୀ ଶିଷ୍ୟକୁ ଯେତେବେଳେ ଅବିବେକୀ ଗୁରୁ ମିଳିଯାନ୍ତି, ସେତେବେଳେ ତ ଉଭୟ କଳ୍ପନାର କବଳରେ ପଡ଼ି ବରବାଦ ହୋଇଯାନ୍ତି । ଶିଷ୍ୟ ଯଦି ବିବେକୀ ଗୁରୁଙ୍କ ପାଖରୁ ଜାଣିଶୁଣି ଜ୍ଞାନ ନ ନିଏ ଏବଂ ପରମାର୍ଥ ପଥରେ ନ ଚାଲେ, ତାହେଲେ ତ ଅନ୍ଧକୁ ଅନ୍ଧ ମିଳିଯାଏ, ପୁଣି ବାଟ ବତାଇବ କିଏ ? ଅବିବେକୀ ଗୁରୁ ତ ପ୍ରଥମରୁ ହିଁ ଭ୍ରମରେ ପଡ଼ିଥାନ୍ତି, ପୁଣି ସେ ଶିଷ୍ୟକୁ ମଧ ଡାକି ଆଣି ସେଇ କୂଅରେ ପକାଇ ଦିଅନ୍ତି । ତାପରେ ତ ଦୁହେଁ ବିଚରା ସେଇ କୂଅରେ ବୁଡ଼ିଯାନ୍ତି ଏବଂ ସେମାନେ ବାହାରକୁ ବାହାରିବାର କୌଣସି ଉପାୟ ନ ଥାଏ । ବାସ୍ତବରେ ଯେଉଁ ମାନଙ୍କ ପାଇଁ ଅଧାତ୍ମ, ଆତ୍ମପରିଷ୍କାରର ସାଧନା ପରିବର୍ତ୍ତେ ଏକ କୌତୁକ ମାତ୍ର ହୋଇଥାଏ, ସେମାନେ ଆତ୍ମପରିଷ୍କାର ବିନା ଆଧାତ୍ମିକ ଆନନ୍ଦ ପାଇବାକୁ ଚାହାନ୍ତି, ଯାହାକି ସମ୍ଭବ ନୁହେଁ । ଏପରି ଲୋକେ କୌଣସି ସର୍ଟକଟ ରାସ୍ତା ଖୋଜିବା ପାଇଁ ଘୂରି ବୁଲନ୍ତି ଏବଂ ଲୋଭୀ, ଅଜ୍ଞାନ ଓ ତଥାକଥିତ ଗୁରୁମାନଙ୍କ ଜାଲରେ ଫସି ନିଜର ହିଁ କ୍ଷତି କରନ୍ତି । ଯଦି ଆମେ ପ୍ରକୃତରେ ଆଧାତ୍ମିକ ପ୍ରଗତି ଚାହୁଁଛେ, ତାହେଲେ ଆମକୁ ଆତ୍ମପରିଷ୍କାରର ପ୍ରକ୍ରିୟା ଅତିକ୍ରମ କରିବା ହେତୁ ପ୍ରସ୍ତୁତ ରହିବାକୁ ପଡ଼ିବ ଏବଂ ଆତ୍ମପରିଷ୍କାରର ସାଧନା ପାଇଁ କୌଣସି ସଦ୍‌ଗୁରୁଙ୍କ ଅନ୍ୱେଷଣ କରିବାକୁ ହେବ ।

ସନ୍ଥ କବୀର କହିଛନ୍ତି –

ସଦ୍‌ଗୁରୁ ଐସା କୀଜିଏ, ଲୋଭ,
ମୋହ, ଭ୍ରମ ନାହିଂ ।
ଦରିୟା ସୋ ନ୍ୟାରା ରହେ,
ଦୀସେ ଦରିୟା ମାହିଂ ।
ଗୁରୁ ମିଲା ତବ ଜାନିଏ, ମିଟେ
ମୋହ ତନ ତାପ ।
ହଷ ଶୋକ ବ୍ୟାପେ ନହୀ, ତବ
ଗୁରୁ ଆପେ ଆପ ତା

ଅର୍ଥାତ୍ ଏମିତି ସଦ୍‌ଗୁରୁ କର, ଯାହାର ହୃଦୟରେ ଲୋଭ, ମୋହ ଓ ଭ୍ରମ ନ ଥିବ ଏବଂ ଯିଏ ସଂସାରରେ ବିଚରଣ କରୁଥିବାର ଦେଖାଗଲେ ମଧ ସଂସାର ସାଗରରୁ ପୃଥକ୍ ଥିବେ, ସଂସାରର ଆସକ୍ତିରୁ ଉର୍ଦ୍ଧ୍ୱରେ ଥିବେ ।

**ଅବଶିଷ୍ଟାଂଶ ତୃତୀୟ ପୃଷ୍ଠାରେ**

# ଜନ୍ମ ମୃତ୍ୟୁ ଏବଂ ଜୀବନର ଶାଶ୍ୱତ ପ୍ରବାହ

ଜନ୍ମ ଓ ମୃତ୍ୟୁ, ଦୁଇଟି ଯାକ ସାଧାରଣ ମଣିଷ ପାଇଁ ପ୍ରହେଳୀ ସଦୃଶ । ଜନ୍ମ ପୂର୍ବରୁ କ'ଣ ଥିଲା ଏବଂ ମୃତ୍ୟୁ ପରେ କ'ଣ ହୋଇଥାଏ, ଏହା ସହଜ ରୂପେ ସ୍ପଷ୍ଟ ହୋଇ ନଥାଏ, କିନ୍ତୁ ଦ୍ରଷ୍ଟା ଋଷିମାନଙ୍କର ପ୍ରକାଶପୂର୍ଣ୍ଣ ଦୃଷ୍ଟିରେ ଜନ୍ମ ଓ ମୃତ୍ୟୁ କେବଳ ସଂଯୋଗ ମାତ୍ର ନୁହେଁ । ମାନବ ଜୀବନ କେବଳ ଆକସ୍ମିକ ଉତ୍ପତ୍ତି ନୁହେଁ । ତାହା ଏକ କ୍ରମିକ ଶୃଙ୍ଖଳାର କଡ଼ି, ଯାହା ଦ୍ୱାରା ଆତ୍ମା ନିଜର ପ୍ରୟୋଜନକୁ କ୍ରମଶଃ ବିକଶିତ କରି ମାନବୀୟ ଆତ୍ମଚେତନା ମାଧମରେ କାର୍ଯ୍ୟ କରିଥାଏ । ଆତ୍ମଚେତନାର ଶାଶ୍ୱତ କାଳରେ ଜୀବନ ଓ ମୃତ୍ୟୁ ଦିନ-ରାତି ପରି ଘଟିତ ହୋଇଥାଏ ।

ଋଗ୍‌ବେଦର ଋଷି ଏହି ତତ୍ତ୍ୱକୁ ସ୍ପଷ୍ଟ କରି କହିଛନ୍ତି ଯେ ମୃତ୍ୟୁ ପରେ ଯେବେ ପଞ୍ଚତତ୍ତ୍ୱ ନିଜ ନିଜର ତତ୍ତ୍ୱରେ ମିଶିଯାଆନ୍ତି, ସେତେବେଳେ ଜୀବାତ୍ମା କେବଳ ବାକି ରହିଥାଏ ଏବଂ ସେହି ଜୀବାତ୍ମା ହିଁ ଆଉ ଏକ ଦେହ ଧାରଣ କରିଥାଏ । ଏହି ପ୍ରକାର ଜୀବାତ୍ମାର ପୁନର୍ଜନ୍ମର କଥା ବେଦ ଗୁଡ଼ିକରେ ସ୍ପଷ୍ଟ କରି କୁହାଯାଇଛି । ଅଥର୍ବ ବେଦରେ ତ ଏପରି ମନ୍ତ୍ର ସବୁ ଭର୍ତ୍ତି ହୋଇ ରହିଛି, ଯେଉଁଥିରେ ପୁନର୍ଜନ୍ମ ଉପରେ କୌଣସି ନା କୌଣସି ପ୍ରକାରେ ଆଲୋକପାତ କରାଯାଇଛି । ଏହାର ଋଷି କହନ୍ତି ଯେ ଅମର ଜୀବାତ୍ମା ମରଣଧର୍ମୀ ଶରୀର ସହିତ ସଂଯୁକ୍ତ ହୋଇଥାଏ ।

ଶ୍ରୀମଦ୍ ଭଗବଦ୍‌ଗୀତାରେ ପୁନର୍ଜନ୍ମର ଧ୍ରୁବ ସତ୍ୟକୁ ଏହିପରି ବ୍ୟକ୍ତ କରାଯାଇଛି – ଜାତସ୍ୟ ହି ଧ୍ରୁବୋ ମୃତ୍ୟୁର୍ଧ୍ରୁବଂ ଜନ୍ମ ମୃତସ୍ୟ ଚ । ଯୋଗ ଦର୍ଶନ ଅନୁସାର ଅବିଦ୍ୟା ଆଦି କ୍ଳେଶଗୁଡ଼ିକର ମୂଳର ପରିଣାମ ଜନ୍ମ, ମୃତ୍ୟୁ, ଆୟୁ ଓ ଭୋଗ ହୋଇଥାଏ । ସାଂଖ୍ୟ ଦର୍ଶନର ପ୍ରଥମ ସୂତ୍ର ଅନୁସାର ପୁନର୍ଜନ୍ମ କାରଣରୁ ହିଁ ଆତ୍ମାର ଶରୀର, ଇନ୍ଦ୍ରିୟ ତଥା ବିଷୟ ସହିତ ସମ୍ବନ୍ଧ ଯୋଡ଼ି ହୋଇଥାଏ । ନ୍ୟାୟ ଦର୍ଶନ ଅନୁସାର ଜନ୍ମ ହୋଇଥିବା ପ୍ରାଣୀ ମୃତ୍ୟୁ ଲାଭ କରି ପୁଣି ଜନ୍ମ ହୋଇଥାଏ ।

ଏହି ପ୍ରକାର ପାଶ୍ଚାତ୍ୟ ଦର୍ଶନରେ ମଧ ପୁନର୍ଜନ୍ମର ସତ୍ୟତା ଉପରେ ଗୁରୁତ୍ୱ ଆରୋପ କରାଯାଇଛି । ପ୍ଲେଟୋ ତ ମୃତ୍ୟୁ ତଥା ମରଣର ସୁଦୀର୍ଘ ଅଭ୍ୟାସ କହି ଦର୍ଶନର ବ୍ୟାଖ୍ୟା କରିଛନ୍ତି । ପିଥାଗୋରସଙ୍କ ବିଚାର ଥିଲା ଯେ ସାଧୁତାର ପାଳନ କରୁଥିବା ଆତ୍ମାର ଜନ୍ମ ଉଚ୍ଚତର ଲୋକରେ ହୋଇଥାଏ ଏବଂ ଦୁଷ୍କୃତ ଆତ୍ମାମାନେ ନିମ୍ନ ପଶୁ ଆଦି ଯୋନିଗୁଡ଼ିକ ମଧରେ ପ୍ରବେଶ କରନ୍ତି । ସିନୋଜା, ହର୍ଟଲୀ ତଥା ପ୍ରୀଷ୍ଟଲେଙ୍କର ଆତ୍ମାର ଅମରତ୍ୱ ଉପରେ ବିଶ୍ୱାସ ଥିଲା । ରୁଷୋଙ୍କ ଶବ୍ଦରେ ବାସ୍ତବିକ ଜୀବନର ପ୍ରାରମ୍ଭ ମୃତ୍ୟୁ ପରେ ହୋଇଥାଏ । କ୍ରିଷ୍ଟନ ବୁଲ୍‌ଙ୍କ ଅନୁସାର ଆତ୍ମା ସୂକ୍ଷ୍ମ ହୋଇଥାଏ ଏବଂ ଆମର ଗୁପ୍ତ କର୍ମ ହିଁ ବର୍ତ୍ତମାନ ଜୀବନର କାରଣ ହୋଇଥାଏ ।

କାଣ୍ଟଙ୍କ ମତରେ ପ୍ରତ୍ୟେକ ଆତ୍ମା ମୂଳତଃ ଶାଶ୍ୱତ ହୋଇଥାଏ । ଫିକ୍ଟେଙ୍କ ଅନୁସାର ମୃତ୍ୟୁ, ଆତ୍ମାର ଜୀବନ ପ୍ରବାହରେ ଏକ ବିଶ୍ରାମ ସ୍ଥଳ ଅତିରିକ୍ତ ଅନ୍ୟ କିଛି ନୁହେଁ । ଶୈଲିଙ୍ଗଙ୍କ ମତାନୁସାର- ଉଚ୍ଚ ଆତ୍ମାମାନେ ଉଚ୍ଚ ନକ୍ଷତ୍ରରେ ଜନ୍ମ ନେଇଥାନ୍ତି । ନୋବାଲିସଙ୍କ ଶବ୍ଦରେ ଜୀବନ ହେଉଛି କାମନା ଏବଂ କର୍ମ ହେଉଛି ତାହାର ପରିଣାମ । ଜୀବନ ଓ ମୃତ୍ୟୁ ଗୋଟିଏ ହିଁ ବସ୍ତୁ ଏବଂ ଏଥି ମଧରେ ଗତି କରି ଆତ୍ମା ଅମରତ୍ୱକୁ ପ୍ରାପ୍ତ କରିଥାଏ । ହେଗଲଙ୍କ ମତରେ ସମସ୍ତ ଆତ୍ମା ପୂର୍ଣ୍ଣତା ଦିଗରେ ଅଗ୍ରସର ହୁଅନ୍ତି ତଥା ଜୀବନ ଓ ମୃତ୍ୟୁ ଏମାନଙ୍କର ଦୁଇଟି ଅବସ୍ଥା । ଏହି ପ୍ରକାର ଅସ୍ତିତ୍ୱର ଶାଶ୍ୱତ ପ୍ରବାହରେ ଜୀବନ ଓ ମୃତ୍ୟୁ ନିଜର ସମ୍ୟକ୍ ବ୍ୟାଖ୍ୟା ଓ ଅର୍ଥକୁ ଦର୍ଶାଇଥାଏ ।

ବର୍ତ୍ତମାନ ପରାମନୋବିଜ୍ଞାନର ଅନ୍ୱେଷଣରୁ ମଧ ସିଦ୍ଧ ହୋଇଗଲାଣି ଯେ ମୃତ୍ୟୁ କେବଳ ସ୍ଥୂଳ ଶରୀରକୁ ହିଁ ନଷ୍ଟ କରିପାରେ । ମରଣ ପରେ ମଧ ମୃତ ବ୍ୟକ୍ତିର ଆତ୍ମା ଏହି ସଂସାରର ବ୍ୟକ୍ତିମାନଙ୍କ ଉପରେ ପ୍ରଭାବ ପକାଇଥାଏ । 'ଦି ଷ୍ଟୋରୀ ଅଫ ସାଇକିକ ସାଇନ୍ସ'ରେ ହେରୱାର୍ଡ କେରିଙ୍ଗଟନ ଲେଖୁଛନ୍ତି - ଯେପରି ବିଜୁଳି ବଲ୍‌ବ ଫାଟିଗଲେ ଅଥବା ତାହା ଫ୍ୟୁଜ୍ ହୋଇଗଲେ ବିଜୁଳି ହିଁ ରହେ ନାହିଁ ଏବଂ ସେହି ବଲ୍ ସ୍ଥାନରେ ଅନ୍ୟ କୌଣସି ବଲ୍ ଜଳିବ ନାହିଁ ବୋଲି କୁହାଯିବା ଭୁଲ, ସେହିପରି ସ୍ଥୂଳ ଶରୀରକୁ ହିଁ ବ୍ୟକ୍ତିତ୍ୱ ମାନିବା ତଥା ସ୍ଥୂଳ ଶରୀର ସମାପ୍ତ ହୋଇଗଲେ ବ୍ୟକ୍ତିତ୍ୱ ନଷ୍ଟ ହୋଇଯାଏ କହିବା ଠିକ୍ ନୁହେଁ । ବ୍ୟକ୍ତିତ୍ୱର ଏହି ପ୍ରକାରର ଧାରଣା ମୂର୍ଖତାପୂର୍ଣ୍ଣ ।

ପ୍ର. ଏସ. ସି. ନାରଥ୍ରୋପ କହନ୍ତି ଯେ ଆତ୍ମାର ଅମରତ୍ୱକୁ ନିଷେଧ କରୁଥିବା ପାଶ୍ଚାତ୍ୟ ଜଡ଼ବାଦୀ ମଧ ଭୌତିକ ଶାସ୍ତ୍ର ଅନ୍ତର୍ଗତ ଶକ୍ତି ତଥା ଅଚେତନ ତତ୍ତ୍ୱର ଅଧକ୍ଷତାକୁ ମାନି ଏକ ପ୍ରକାରେ ଅମରତ୍ୱକୁ ହିଁ ସ୍ୱୀକୃତି ଦେଇଥାନ୍ତି । ନାରଥାପଙ୍କ ବ୍ୟତୀତ ଅନ୍ୟ ଆଧୁନିକ ବୈଜ୍ଞାନିକ ମଧ ମୃତ୍ୟୁ ପରେ ବ୍ୟକ୍ତିତ୍ୱ ବିଦ୍ୟମାନ ରହେ– ଏହି ତଥ୍ୟକୁ ପୁଷ୍ଟି କରିବାରେ ଲାଗିଛନ୍ତି । 'ପାଷ୍ଟ ଲାଇଫ ରିଗ୍ରେସନ' ନାମରେ ପୁନର୍ଜନ୍ମର ତଥ୍ୟକୁ ପୁଷ୍ଟ କରୁଥିବା ଏକ ପୂରା ବିଷୟ ଉପରେ ମନୋବୈଜ୍ଞାନିକ ଅନୁସଂଧାନ ଚାଲିଛି ।

ଜନ୍ମ ନେବା, ଜୀବନ ଧାରଣ କରିବାର ଏକ ମାତ୍ର ମୌଳିକ ପ୍ରୟୋଜନ ହେଉଛି – ଜୀବନ ଓ ସୃଷ୍ଟିରେ ଭାଗବତ ସୌନ୍ଦର୍ଯ୍ୟର ପରିପୂର୍ଣ୍ଣ ଅଭିବ୍ୟକ୍ତି । ଏଥି ନିମନ୍ତେ ବ୍ୟକ୍ତିଗତ ଆତ୍ମା ବିଭିନ୍ନ ରୂପରେ ବିକଶିତ ହୋଇଥାଏ, ତାହା ମାନବ ରୂପ ଧାରଣ କରିବା ପର୍ଯ୍ୟନ୍ତ ବିକଶିତ ହେବାର ଏକ ପ୍ରକ୍ରିୟା ଚାଲିଥାଏ, ଯାହାକି ଆହୁରି ଉଚ୍ଚତର ସ୍ତର ପାଇଁ ଏକ ଶିଡି ମାତ୍ର । ନିମ୍ନରୁ ଉଚ୍ଚ ପର୍ଯ୍ୟନ୍ତ, ପଶୁରୁ ମାନବ ପର୍ଯ୍ୟନ୍ତ ପ୍ରଗତି ସୁନିଶ୍ଚିତ । ଜୀବାତ୍ମା ମାନବ ଶରୀରରେ ଆସି ମଧ ବାରମ୍ବାର ଏହାକୁ ଧାରଣ କରିଥାଏ । ଏହି କ୍ରମରେ ଶରୀର ଭଲା ମାନବାକାର ହୋଇଥାଉ ପଛେ, କିନ୍ତୁ ପ୍ରତ୍ୟେକ ଥର ଭଗବାନଙ୍କ ସୌନ୍ଦର୍ଯ୍ୟର ଅଭିବ୍ୟକ୍ତି ବୃଦ୍ଧି ପାଇଥାଏ । ଏହା ବିକାଶର ସାମାନ୍ୟ ପ୍ରକ୍ରିୟା, ଯାହା ମହାମାନବ, ଦେବମାନବ, ଋଷି କ୍ରମରେ ଉତ୍ତରୋତ୍ତର ଗତିଶୀଳ ରହିଥାଏ ।

ମାନବ ସାଧାରଣତଃ ଆଗାମୀ ଜନ୍ମ ମାନବ ରୂପେ ହିଁ ପ୍ରାପ୍ତ କରିଥାଏ । ମାନବୀୟ ଚେତନା ଏତେ ଉତ୍କୃଷ୍ଟ ଶ୍ରେଣୀର ଯେ ତାହା ନିମ୍ନ ଯୋନିକୁ ଖସିବା କତିପୟ କଠିନ । ତଥାପି ଯଦି କୌଣସି ମନୁଷ୍ୟ ସେହି ମାନବୀୟ ସଦ୍‌ଗୁଣଗୁଡ଼ିକ ଠାରୁ ନିରନ୍ତର ଦୂରକୁ ଦୂରକୁ ଚାଲିଯାଏ, ମାନବିକତାର ସଂଜ୍ଞା ସହିତ ଯୋଡ଼ି ହୋଇଥିବା ଭାବ ସ୍ପନ୍ଦନଗୁଡ଼ିକୁ ପଦଦଳିତ କରିଥାଏ ଏବଂ ପାଶବିକ ପ୍ରବୃତ୍ତିଗୁଡ଼ିକୁ ହିଁ ଆପଣାଇ ସେଗୁଡ଼ିକୁ ନିଜର ସାଧ, ଇଷ୍ଟ ଓ ଲକ୍ଷ୍ୟ ବୋଲି ବୁଝିବାକୁ ଲାଗେ, ତେବେ ତା'ର ନରପଶୁ, ନରକୀଟ ଭଳି ନିମ୍ନ ଯୋନିକୁ ଯିବା ସୁନିଶ୍ଚିତ ହୋଇଯାଏ, ପରନ୍ତୁ ଏହି ଶ୍ରେଣୀର ପତନ ବହୁତ କମ୍ ଲୋକ ପ୍ରାପ୍ତ କରିଥାନ୍ତି ।

ଅଧିକାଂଶ ଲୋକ ନିଜର ଶକ୍ତି ଅନୁଯାୟୀ ଉପରକୁ ଉଠିବାର ହିଁ ପ୍ରଯତ୍ନ କରିଥାନ୍ତି । କାରଣ ଆନନ୍ଦ ଲାଭ କରିବା ପ୍ରତ୍ୟେକ ଜୀବାତ୍ମାର ମୌଳିକ ଇଚ୍ଛା ହୋଇଥାଏ ଏବଂ ମନୁଷ୍ୟ ଯୋନିକୁ ଆସିବା ବେଳକୁ ଜୀବାତ୍ମା ଏତେ ବିକଶିତ ହୋଇଯାଇଥାଏ ଯେ ସେ ଆନନ୍ଦ ନାମରେ ନାରକୀୟ ଦୁଃଖଗୁଡ଼ିକୁ ମଧ ଆପଣାଇବାରେ ଲାଗିଯାଏ । ପୁଣି ଯେବେ ସେ ମୋହ ଓ ବାସନାର ଆବେଗରେ ସେହି ଆଡ଼କୁ ବୁଲିପଡ଼େ ତ ତା'ର ମାନବୀୟ ଅନ୍ତଃକରଣ ତାକୁ ଭର୍ତ୍ସନା କରିବାକୁ ଲାଗେ, ସେ ଛଟପଟ ହେବାକୁ ଲାଗେ ଏବଂ ପ୍ରାୟଶ୍ଚିତ୍ତ ନ କରିବା ଓ ଭୁଲକୁ ନ ସୁଧାରିବା ପର୍ଯ୍ୟନ୍ତ ସେ ସାଧାରଣ ଓ ସହଜ ମାନବୀୟ ସ୍ତର ବା ସାଧାରଣ ସ୍ଥିତିକୁ ଆସିପାରେ ନାହିଁ ।

ଏହି ପ୍ରକାର ଆତ୍ମସତ୍ତାର ସଂକଳ୍ପ ଏବଂ କର୍ମ ହିଁ ପ୍ରତ୍ୟେକ ମନୁଷ୍ୟର ପ୍ରଗତି ଅଥବା ପତନର ଆଧାର ହୋଇଥାଏ । ମନୁଷ୍ୟର ଇଚ୍ଛା ହିଁ କର୍ମର ସ୍ୱରୂପ ଗଢ଼ିଥାଏ । କର୍ମ ଓ ବିଷୟ ଚିନ୍ତନ ସଂସ୍କାରଗୁଡ଼ିକର ରୂପ ଗ୍ରହଣ କରିନିଏ, କର୍ମଫଳ ଓ ସଂସ୍କାର ପ୍ରାରବ୍ଧ ନିର୍ମାଣ କରିଥାଏ, ପ୍ରାରବ୍ଧ ଜନ୍ମାନ୍ତରର ସ୍ୱରୂପ ନିର୍ଦ୍ଧାରଣ କରିଥାଏ । ଏସବୁର ମୂଳରେ ଇଚ୍ଛା ହିଁ ମୁଖ୍ୟ ଭୂମିକା ନିଭାଇ ଥାଏ ।

ଗୀତାକାରଙ୍କ ଶବ୍ଦରେ ବି ମନୁଷ୍ୟ ଅନ୍ତକାଳରେ ଯେଉଁ ଯେଉଁ ଭାବକୁ ସ୍ମରଣ କରି ଶରୀର ତ୍ୟାଗ କରିଥାଏ, ସେଗୁଡ଼ିକୁ ପ୍ରାପ୍ତ ହୋଇ ସେ ଅନ୍ତିମ ଗତି ଲାଭ କରିଥାଏ । କାରଣ ସେ ସର୍ବଦା ଯେଉଁ ଭାବର ଚିନ୍ତନ କରିଥାଏ, ଅନ୍ତକାଳରେ ମଧ ପ୍ରାୟ ଏହାର ସ୍ମରଣ ହୋଇଥାଏ । ଏହି ପ୍ରକାର ଇଚ୍ଛାର ସ୍ୱରୂପ ଓ କର୍ମର ସଂସ୍କାର ଆଗାମୀ ଜନ୍ମରେ ବିକାଶ କ୍ରମର ମାନକ ରୂପେ ବିକଶିତ ହୋଇଥାଏ ।

ଏହିପରି ପୁନର୍ଜନ୍ମ ଏକ ଶାଶ୍ୱତ ବ୍ୟକ୍ତିତ୍ୱର ସତତ ନୂଆ ନୂଆ ରୂପ ଧାରଣ କରିବା ତଥା ଦୀର୍ଘ ସମୟ ପର୍ଯ୍ୟନ୍ତ ବଞ୍ଚି ରହୁଥିବା ଉପକରଣ ନ ହୋଇ ପ୍ରକୃତିରେ ଆଧାତ୍ମିକ ବିକାଶର ସାଧନ ହୋଇଥାଏ, ଭଗବାନଙ୍କ ମଂଜୁଳ ସୌନ୍ଦର୍ଯ୍ୟକୁ ନୂଆ ନୂଆ ଢଙ୍ଗରେ ଅଭିବ୍ୟକ୍ତ କରିବାର ମାଧମ ହୋଇଥାଏ ।

ନିଜର ଅଭିବ୍ୟକ୍ତି ହେତୁ ଜନ୍ମ-ଜନ୍ମାନ୍ତରର ପ୍ରଚେଷ୍ଟା ପରେ ଜୀବାତ୍ମା ବିକାଶର ପୂର୍ଣ୍ଣତା, ପରମ ଏକତ୍ୱ- ମୋକ୍ଷ ରୂପେ ପ୍ରାପ୍ତ କରିଥାଏ । ଗୀତାକାରଙ୍କ ଶବ୍ଦରେ ଅନେକ ଜନ୍ମରେ ଅନ୍ତଃକରଣର ଶୁଦ୍ଧି ରୂପ ସିଦ୍ଧିକୁ ପ୍ରାପ୍ତ ହୋଇଥିବା ଯୋଗୀ ପରମ ଗତିକୁ ପ୍ରାପ୍ତ ହୋଇଥାଏ । ବୈଦିକ ଦର୍ଶନରେ ଏହାକୁ ମାନବ ଜୀବନର ପରମ ଲକ୍ଷ୍ୟ ମାନି ନିଆଯାଇଛି । ମୁକ୍ତି ହେଉଛି ସେହି ଅବସ୍ଥା, ଯେଉଁଥିରେ ମନୁଷ୍ୟ ସମସ୍ତ ବାସନାକୁ ତ୍ୟାଗ କରି ପୂର୍ଣ୍ଣକାମ ହୋଇଯାଏ ଏବଂ ସବୁ ପ୍ରକାରର ଦୁଃଖ ଓ କଷ୍ଟଗୁଡ଼ିକ ଠାରୁ ଦୂରରେ ରହି ବିଶୁଦ୍ଧ ଦିବ୍ୟ ଆନନ୍ଦର ମହାସମୁଦ୍ରରେ ତରଙ୍ଗାୟିତ ହେବାର ମଜା ନେଇଥାଏ । ଏହିପରି ଭାବରେ ଜୀବନ ଓ ମୃତ୍ୟୁ ଶାଶ୍ୱତ ଜୀବନ ପ୍ରବାହର ପରମ ଲକ୍ଷ୍ୟ ଆଡ଼କୁ ନେଇଯାଏ ।

## ଆଜିର ଚିନ୍ତନ

ବିବିଧତାରେ ପରିପୂର୍ଣ୍ଣ ଏଇ ସଂସାରରେ ଏକ ଚେତନ ସତ୍ତା ବିଦ୍ୟମାନ, ଯାହାଙ୍କ ତରଙ୍ଗ ସ୍ଥୂଳରୁ ନେଇ ସୂକ୍ଷ୍ମଜଗତର ନିର୍ମାଣ କରୁଥିବାର ଦେଖାଯାଏ । ସେହି ପରମଶକ୍ତି, ପରମେଶ୍ୱର, ପରମାତ୍ମା ହିଁ 'ଏକତ୍ୱ'ର ପ୍ରତୀକ, ଯାହାଙ୍କୁ ବିଭିନ୍ନ ପଛରେ, ବିଭିନ୍ନ ନାମରେ ଡକାଯାଇଛି । ସେହି ଗୋଟିଏ ତତ୍ତ୍ୱରୁ ଏଇ ସାରା ସଂସାର ଜନ୍ମ ନେଇଥାଏ ଏବଂ ସେଥିରେ ମଧ ବିଲୀନ ହୋଇଯାଏ ।

ଜ୍ଞାତ- ଅଜ୍ଞାତରେ ଆମେ ସବୁ ତାଙ୍କ ଆଡ଼କୁ ବଢ଼ି ଚାଲିଛେ । ନଦୀ ଯେପରି ନିଜର ଉଦ୍‌ଗମ ସ୍ଥାନରୁ ବାହାରି ସାଗର ସହିତ ମିଶିବା ପରେ ହିଁ ପୂର୍ଣ୍ଣ ବିରାମ ନେଇଥାଏ, ସେହିପରି ଆମେ ସବୁ ନିଜର ଗନ୍ତବ୍ୟ ନ ଜାଣି ମଧ ନିରନ୍ତର ସେହି ପରମ ଚେତନା ଦିଗରେ ବଢ଼ି ଚାଲିଛେ ।

ଏହି କାରଣରୁ ସମସ୍ତ ଆଧାତ୍ମିକ ଅନୁସନ୍ଧାନ ଏକତ୍ୱର ପ୍ରାପ୍ତି, ଏକତ୍ୱର ଅନୁଭୂତିକୁ ହିଁ ଜୀବନର ପରମ ଲକ୍ଷ୍ୟ ମାନିଥାଏ ।

ଏକଥା ଜାଣି ଶ୍ରୁତି କହିଥାଏ -ଯଥା ସୌମ୍ୟ ବୟାଂସି ବାସୋବୃକ୍ଷ ସଂପ୍ରତିଷ୍ଠନ୍ତେ । ଏବଂ ହବୈ ତତ୍ ସର୍ବଂ ପର ଆତ୍ମନି ସଂପ୍ରତିଷ୍ଠତେ ।

ଅର୍ଥାତ୍ ହେ ସୌମ୍ୟ ! ପକ୍ଷୀଗଣ ଯେପରି ନିଜର ବାସସ୍ଥାନ ଥିବା ବୃକ୍ଷକୁ ଆସି ସ୍ଥିର ହୋଇଥାନ୍ତି, ସେହିପରି ଏଇ ସାରା ସଂସାର ପରମାତ୍ମାଙ୍କ ଠାରେ ହିଁ ପ୍ରତିଷ୍ଠିତ ହୋଇଥାଏ ।

ସେହି ଏକ ପରମାତ୍ମାଙ୍କ ଚେତନା ସମସ୍ତଙ୍କ ଭିତରେ ସମାହିତ ଥାଏ ଏବଂ କ୍ରୀଡ଼ାକଲ୍ଲୋଳ କରୁଥିବାର ଦେଖାଯାଏ । ଦାର୍ଶନିକ ଦୃଷ୍ଟିରୁ କହିଲେ ପ୍ରକାଶିତ ହେଉଥିବା ସଂସାରର ଅନେକତା- ଅଖଣ୍ଡତାରେ ଏକତା-ଅଖଣ୍ଡତାର ଦର୍ଶନ କରିବା ହିଁ ତତ୍ତ୍ୱଜ୍ଞାନ । ସେଥିପାଇଁ ଜ୍ଞାନୀଜନ କହିଛନ୍ତି – ସୃଷ୍ଟିର ବିଚିତ୍ରତା ଓ ବିଭିନ୍ନତାରେ ମଧ ଅପରିମେୟ ଅଟଳ ଏକତା ଦେଖିବାକୁ ହେବ । କହିବାର ଅର୍ଥ ସ୍ପଷ୍ଟ ଯେ ସର୍ବତ୍ର ଏକମାତ୍ର ପରମାତ୍ମା ବିଦ୍ୟମାନ । ଆମେ ସମସ୍ତେ ତାଙ୍କ ସହିତ ଗୁନ୍ଥା ହୋଇଛେ ।

ଯଦି ମନୁଷ୍ୟକୁ ସେହି 'ଏକତ୍ୱ'ର ଅନୁଭୂତି ହୋଇଯାଏ, ତେବେ ସବୁ ପ୍ରକାର ଭେଦ-କଳହ ସମାପ୍ତ ହୋଇଯିବ । ତେଣୁକରି ନିଜ ହୃଦୟର ଭାବନା, ଚିନ୍ତନ ଓ ଚେଷ୍ଟାଗୁଡ଼ିକୁ ସେହି 'ଏକତ୍ୱ'କୁ ସମର୍ପିତ କରିଦେବା ହିଁ ଆତ୍ମକଲ୍ୟାଣ ଏବଂ ବିଶ୍ୱକଲ୍ୟାଣର ସର୍ବଶ୍ରେଷ୍ଠ ଉପାୟ । ସମସ୍ତଙ୍କୁ ଏହି ପଥରେ ଚାଲିବାର ଆବଶ୍ୟକତା ରହିଛି ।

# ଗୁରୁ ବିନା ଜ୍ଞାନ କିମ୍ବା... (ଦ୍ୱିତୀୟ ପୃଷ୍ଠାର ଅବଶିଷ୍ଟାଂଶ)

ଏଣୁ ଶାସ୍ତ୍ର ଓ ସନ୍ଥମାନଙ୍କର ନିର୍ଦ୍ଦେଶ ହେଉଛି – ଗୁରୁ ରୂପେ ଆମେ ଏପରି କୌଣସି ମହାପୁରୁଷଙ୍କୁ ବରଣ କରିବା ଉଚିତ, ଯାହାଙ୍କୁ ବୁଦ୍ଧତ୍ୱର ପରମ ଉପଲବ୍ଧି ପ୍ରାପ୍ତ ହୋଇଥିବ, ଅର୍ଥାତ୍ ଯାହାଙ୍କୁ ଯୋଗ, ତପ ଓ ଆଧାତ୍ମିକ ସାଧନାଗୁଡ଼ିକ ଦ୍ୱାରା ଆତ୍ମସାକ୍ଷାତ୍‌କାରର ପରମ ଉପଲବ୍ଧି ମିଳିଥିବ ।

ମହର୍ଷି ପତଞ୍ଜଳି ଯୋଗସୂତ୍ର ୧.୨୬ରେ କହିଛନ୍ତି– 'ପୂର୍ବେଷାମପି ଗୁରୁଃ କାଳେନାନବଚ୍ଛେଦାତ୍' ଅର୍ଥାତ୍ ସେହି ଈଶ୍ୱର ପୂର୍ବଜମାନଙ୍କର ଗୁରୁ । କାରଣ ସେ ସ୍ୱୟଂ ଅନାଦି ଏବଂ କାଳର ସୀମାରୁ ଊର୍ଦ୍ଧ୍ୱରେ । ଯୋଗଭାଷ୍ୟ (୨.୩୨)ରେ ମହର୍ଷି ବେଦବ୍ୟାସ କହିଛନ୍ତି- 'ଈଶ୍ୱର ପ୍ରଣିଧାନଂ ତସ୍କିନ୍ ପରମଗୁରୌ ସର୍ବ କର୍ମାପରାମ୍ ଅର୍ଥାତ୍ ସେହି ଈଶ୍ୱର ରୂପୀ ଗୁରୁଙ୍କ ଠାରେ ସମସ୍ତ କର୍ମର ଅର୍ପଣ ହିଁ ଈଶ୍ୱର ପ୍ରଣିଧାନ ।

ଗୋସ୍ୱାମୀ ତୁଳସୀଦାସ ଶ୍ରୀରାମଚରିତ ମାନସରେ ଭଗବାନ ଶଙ୍କରଙ୍କ ବନ୍ଦନା କରି ଲେଖିଛନ୍ତି - 'ବନ୍ଦେ ବୋଧମୟଂ ନିତ୍ୟ ଗୁରୁ ଶଙ୍କରରୂପିଣମ୍' ଅର୍ଥାତ୍ ଜ୍ଞାନମୟ, ନିତ୍ୟ, ଶଙ୍କର ରୂପୀ ଗୁରୁଙ୍କୁ ମୁଁ ବନ୍ଦନା କରୁଛି । ପୁଣି ଜଗଦ୍‌ଗୁରୁ ରୂପେ ଭଗବାନ ଶ୍ରୀକୃଷ୍ଣଙ୍କର ମଧ ବନ୍ଦନା କରାଯାଇଛି - 'କୃଷ୍ଣ ବନ୍ଦେ ଜଗଦ୍‌ଗୁରୁମ୍' ଅର୍ଥାତ୍ ଜଗଦ୍‌ଗୁରୁ ରୂପେ ଭଗବାନ ଶ୍ରୀକୃଷ୍ଣଙ୍କର ବନ୍ଦନା କରୁଛି । ସୂର୍ଯ୍ୟଦେବ ତ ପ୍ରତ୍ୟକ୍ଷ ପ୍ରକାଶପୁଞ୍ଜ ହୋଇ ସାରା ଜଗତକୁ ଆଲୋକିତ କରିଥାନ୍ତି ।

ଗୁରୁର ଅର୍ଥ- ଅନ୍ଧକାର ଦୂରକାରୀ ଓ ପ୍ରକାଶ ବିସ୍ତାରକାରୀ । ଭଗବାନ ସୂର୍ଯ୍ୟ ହିଁ ଗୁରୁ ରୂପେ ହନୁମାନଙ୍କୁ ଗାୟତ୍ରୀ ମନ୍ତ୍ରର ଦୀକ୍ଷା ଦେଇଥିଲେ । ଗାୟତ୍ରୀ ମନ୍ତ୍ରର - ଦେବତା ମଧ ସବିତା (ସୂର୍ଯ୍ୟ) ଅଟନ୍ତି । ଏଣୁ ଆମେ ସବିତା (ସୂର୍ଯ୍ୟ)ଙ୍କୁ ଗୁରୁ ରୂପେ ବରଣ କରି, ନିଜ ହୃଦୟରେ ତାଙ୍କୁ ଧାନ କରି ଗାୟତ୍ରୀ ମନ୍ତ୍ରର ଜପ କରି ପାରିବା । ଶ୍ରୀ ହନୁମାନଙ୍କ ପାଇଁ ଗୋସ୍ୱାମୀ ତୁଳସୀଦାସ ହନୁମାନ ଚାଳିଶାରେ ଲେଖିଛନ୍ତି -

ଜୈ ଜୈ ଜୈ ହନୁମାନ ଗୋସାଇଁ ।
କୃପା କରହୁ ଗୁରୁଦେବ କୀ
ନାଇଁ ।।

ଅର୍ଥାତ୍ ହେ ସ୍ୱାମୀ ହନୁମାନ ! ଆପଣଙ୍କର ଜୟ ହେଉ, ଜୟ ହେଉ, ଜୟ ହେଉ । ଆପଣ ମୋ ଉପରେ କୃପାଳୁ ଗୁରୁଦେବଙ୍କ ଭଳି କୃପା କରନ୍ତୁ ।

ଏଣୁ ଭଗବାନଙ୍କର ଯେଉଁ ରୂପ, ଛବି ପ୍ରତି ଆମର ଅଗାଧ ପ୍ରୀତି, ପ୍ରେମ, ଆକର୍ଷଣ ରହିଛି ଏବଂ ଯାହାଙ୍କ ଉପରେ ଆମର ପୂର୍ଣ୍ଣ ଶ୍ରଦ୍ଧା, ବିଶ୍ୱାସ ରହିଛି । ତାଙ୍କୁ ଆମେ ନିଜ ହୃଦୟରେ ନିତ୍ୟ ଧାରଣ କରି ପାରିବା ଏବଂ ସେହି ଆରାଧଙ୍କ ସହିତ ସମ୍ବନ୍ଧିତ ମନ୍ତ୍ରଗୁଡ଼ିକର ଜପ କରି ପାରିବା । ନିଜର ଆରାଧ ଓ ଗୁରୁ, ଉଭୟ ରୂପେ ଆମେ ଭଗବାନଙ୍କର ପୂଜା-ଉପାସନା କରି ପାରିବା ।

ଏହା ସହିତ ରାମାୟଣ, ଗୀତା, ବେଦ, ଉପନିଷଦ୍, ପୁରାଣ ଆଦିର ସ୍ୱାଧାୟ କରି ଆମେ ଉଚିତ ଆଧାତ୍ମିକ ମାର୍ଗଦର୍ଶନ ପ୍ରାପ୍ତ କରି ପାରିବା । ଏଠାରେ ଧାନ ରଖିବା ଦରକାର ଯେ ଆମର ସାଧନାରେ, ଉପାସନାରେ ନିୟମିତତା ଏବଂ ସଂଯମ ଅବଶ୍ୟ ରହିବା ଉଚିତ; ଏପରି ହେଲେ ଆମେ ନିଜର ଜୀବନଲକ୍ଷ୍ୟକୁ ପ୍ରାପ୍ତ କରି ପାରିବା ।

ବର୍ଷ ୨୮, ସଂଖ୍ୟା - ୨, ୧୪ - ୨୦ ଜାନୁଆରୀ ୨୦୨୪


# ଭୁଶୁଡି ଯିବ କି ଚତୁର୍ଥସ୍ତମ୍ଭ

୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତବର୍ଷ ସ୍ୱାଧୀନ ହେଲା । ପରାଧୀନତାର ଶିକୁଳିରୁ ମୁକ୍ତ ହୋଇ ନିଜର ସମ୍ବିଧାନ ପ୍ରତିଷ୍ଠା କରି ବୃହତ ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ସମଗ୍ର ବିଶ୍ୱରେ ଏକ ନିଆରା ପରିଚୟ ମଧ ସୃଷ୍ଟି କଲା । ରାଷ୍ଟ୍ରର ଗଣତାନ୍ତ୍ରିକ ମୂଲ୍ୟବୋଧକୁ ନିଜ କାନ୍ଧ ଉପରେ ଜାବୁଡି ଧରିଲେ ଗଣତନ୍ତ୍ରର ତିନିଟି ସ୍ତମ୍ଭ- ବ୍ୟବସ୍ଥାପିକା, କାର୍ଯ୍ୟପାଳିକା ଓ ନ୍ୟାୟପାଳିକା । ତେବେ ପରାଧୀନ ଭାରତରେ ବିଶେଷକରି ସ୍ୱାଧୀନତା ସଂଗ୍ରାମରେ ମହାତ୍ମା ଗାନ୍ଧୀ, ସର୍ଦ୍ଦାର ପଟେଲ ଓ ପଣ୍ଡିତ ନେହରୁଙ୍କ ଭଳି ସଂଗ୍ରାମୀ ସେତେବେଳେ ବ୍ରିଟିଶ ବିରୁଦ୍ଧରେ ଆନ୍ଦୋଳନକୁ ତୀବ୍ରତର କରିବା ପାଇଁ ଜନସଚେତନତାକୁ ପ୍ରାଧାନ୍ୟ ଦେଉଥିଲେ । ସେ ସମୟରେ ବିଜ୍ଞାନ ପ୍ରଯୁକ୍ତି ବିଦ୍ୟାର ବିଶେଷ ଅଗ୍ରଗତି ହୋଇ ପାରି ନ ଥିଲା ।

ଜନ ଜାଗରଣ ନିମନ୍ତେ ଏକମାତ୍ର ବାହକ ଥିଲା ଖବରକାଗଜ ଓ ପତ୍ରିକା । ବ୍ରିଟିଶ ବିରୁଦ୍ଧରେ ଆନ୍ଦୋଳନ ତଥା କାରାଗାର ମଧରେ ବର୍ଷ ବର୍ଷ ଧରି ବନ୍ଦୀ ହୋଇ ମଧ ଦେଶର ଜନସାଧାରଣଙ୍କୁ ବ୍ରିଟିଶ ସରକାର ବିରୋଧରେ ସଚେତନତାର ବାର୍ତ୍ତା ଖବରକାଗଜ ଓ ପତ୍ରିକା ମାଧମରେ ବାଣ୍ଟି ପାରୁଥିଲେ ଗାନ୍ଧିଜୀ । ଦକ୍ଷିଣ ଆଫ୍ରିକାରେ 'ଇଣ୍ଡିଆନ ଓପିନିଅନ' ନାମକ ଖବରକାଗଜ ମାଧମରେ ଭାରତୀୟ ବଂଶଜମାନଙ୍କ ଅଧିକାର ପାଇଁ ଲଢ଼େଇ ଆରମ୍ଭ କରିଥିଲେ ଗାନ୍ଧିଜୀ । ପରବର୍ତ୍ତୀ ସମୟରେ ୟଙ୍ଗ ଇଣ୍ଡିଆନ, ହରିଜନ ଓ ନ୍ୟାସନାଲ ହେରାଲ୍ଡ ଆଦି ପତ୍ରିକା ଗୋଟେ ଗୋଟେ ପ୍ରମୁଖ ଅସ୍ତ୍ର ଭାବେ ବ୍ରିଟିଶ ବିରୋଧୀ ଆନ୍ଦୋଳନକୁ ତୀବ୍ରତର କରିଥିଲା । ଦେଶ ସ୍ୱାଧୀନ ହେବାପରେ ସାମାଜିକ, ରାଜନୈତିକ, ସାଂସ୍କୃତିକ, ଅର୍ଥନୈତିକ, ଶିକ୍ଷାନୀତିକୁ ବହୁ ପରିବର୍ତ୍ତନ ସଂଗଠିତ ହୋଇଛି । ଆଧୁନିକ ଜ୍ଞାନକୌଶଳ, ବିଜ୍ଞାନ ପ୍ରଯୁକ୍ତି ବିଦ୍ୟାର ଅଗ୍ରଗତି ପରେ ରାଷ୍ଟ୍ର ନିର୍ମାଣରେ ଚତୁର୍ଥସ୍ତମ୍ଭ ଭାବେ ଗଣମାଧମକୁ ବିବେଚନା କରାଯାଇଛି । ସ୍ୱାଧୀନତା ଆନ୍ଦୋଳନରେ ଯେଉଁ ଗଣମାଧମ ବିଶେଷକରି ଖବରକାଗଜ ଓ ପତ୍ରିକା ପ୍ରମୁଖ ଅସ୍ତ୍ର ଭାବେ ସହାୟ ହୋଇଥିଲା, ସ୍ୱାଧୀନୋତ୍ତର ଭାରତବର୍ଷରେ ରାଷ୍ଟ୍ର ନିର୍ମାଣରେ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସୁଦୃଢ଼ କରି ବ୍ୟବସ୍ଥାର ମୂଳଦୁଆକୁ ଯାବୁଡି ଧରିବାକୁ ସମାଜର ଜାଗ୍ରତ ପ୍ରହରୀ ଭାବରେ ଚତୁର୍ଥସ୍ତମ୍ଭର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

ଗାନ୍ଧିଜୀଙ୍କ ଭାଷାରେ ସାମ୍ବାଦିକତା ମଧ ଜନସେବାର ଏକ ମାଧମ । ସମାଜରେ ଯେପରି ଅଜ୍ଞାନରୂପକ ଅନ୍ଧକାରକୁ ଦୂରକରି ଶିକ୍ଷକ ଜ୍ଞାନରୂପକ ଆଲୋକକୁ ଉଜ୍ଜୀବିତ କରାଏ, ସେହିପରି ରାଷ୍ଟ୍ରର ବିକାଶ ନିମନ୍ତେ ସମାଜର କଲ୍ୟାଣ ପାଇଁ ଦୁର୍ନୀତି, ଭ୍ରଷ୍ଟାଚାର, କୁସଂସ୍କାର ଓ କୁପ୍ରଥା ବିରୋଧରେ ଲଢ଼େଇ ପାଇଁ ଜଣେ ସଚ୍ଚୋଟ ସାମ୍ବାଦିକର ମଧ ସମାନ କର୍ତ୍ତବ୍ୟ ରହିଛି । ଜନ ସଚେତନତାର ଏକ ପ୍ରମୁଖ ମାଧମ ହେଉଛି ଗଣମାଧମ । ତେବେ ଯଦି ଗଣମାଧମ ତାର ପ୍ରକୃତ ଲକ୍ଷ୍ୟରୁ ବିଚ୍ୟୁତ ହୁଏ ସମାଜ ଗଠନରେ ନିଜର ଦାୟିତ୍ୱବୋଧକୁ ଅଣଦେଖା କରେ ତେବେ ନିଶ୍ଚିତଭାବେ ରାଷ୍ଟ୍ର ଗଠନରେ ବହୁତ ବଡ ବାଧକ ତିଆରି ହେବ । ପରାଧୀନ ଭାରତରେ ବ୍ରିଟିଶ ବିରୋଧୀ ଲଢ଼େଇରେ ଖବରକାଗଜ ପତ୍ରିକାକୁ ଅସ୍ତ୍ରଭାବେ ବ୍ୟବହାର କରିବା କେବେ ସହଜ ନ ଥିଲା । ତେବେ ସେସବୁ ବାଧକକୁ ଭୃକ୍ଷେପ ନକରି ବ୍ରିଟିଶ ସରକାରର ବିଜ୍ଞାପନ ଉପରେ ନିର୍ଭର ନକରି ଅତ୍ୟନ୍ତ ଗାମ୍ଭୀର୍ଯ୍ୟତାର ସହିତ ଲଢ଼େଇକୁ ଜାରି ରଖିଥିଲେ ଗାନ୍ଧିଜୀ । କାରଣ ଲକ୍ଷ୍ୟ ଥିଲା ସ୍ପଷ୍ଟ ଓ ନିୟତ ଥିଲା ମଧ ସଫା । ଗାନ୍ଧିଜୀ ଜାଣିଥିଲେ ଦେଶର ଜନସାଧାରଣ ଓ ଗଣମାଧମ ଯେବେ ମୁକ ଦର୍ଶକ ପାଲଟିଯିବେ ତେବେ ଦେଶର ଅଧୋଗତି ହେବା ସୁନିଶ୍ଚିତ ।  କିନ୍ତୁ ଆଜି ଚତୁର୍ଥସ୍ତମ୍ଭ ଅର୍ଥପିପାସୁ ମାନଙ୍କ କବଳରେ । ସେହି ଅର୍ଥପିପାସୁ ପୁଞ୍ଜିପତି ଯେମିତି ଚାହୁଁଛନ୍ତି କଣ୍ଢେଇ ପରି ଗଣମାଧମକୁ ସେମିତି ବ୍ୟବହାର କରୁଛନ୍ତି । ଆଜିର ଗଣମାଧମର ପ୍ରକୃତ ଡୋରି ମୁଷ୍ଟିମେୟ ପୁଞ୍ଜିପତିମାନଙ୍କ ହାତରେ ବନ୍ଧାପଡିଛି । କେଉଁ ସଂସ୍ଥାର ସମ୍ପୂର୍ଣ୍ଣ ମାଲିକାନା ତାଙ୍କ ହାତରେ ତ' କେଉଁଠି ସଂସ୍ଥାର ମାଲିକଙ୍କ ନିୟନ୍ତ୍ରଣ ମୋଟା ଅଙ୍କର ଅର୍ଥରାଶିରେ ବିକ୍ରି ହୋଇ ସାରିଛି । ଯେଉଁଠି ନିରପେକ୍ଷ ଖବର ବନାଯାଇ ଖବରକାଗଜ ବିକ୍ରି ହେଉଥିଲା, ସେହିଠାରେ ଏବେ ପ୍ରଥମେ ବିକ୍ରି ହୋଇ ଖବରକାଗଜ ଛପା ହେଉଛି । ଯେକୌଣସି ଘଟଣାର ସତ୍ୟାସତ୍ୟ ନ ଜାଣି, ଘଟଣାର ପ୍ରକୃତ ଖବର ସଂଗ୍ରହ ନକରି ଗଣମାଧମ ସଂସ୍ଥା ମାଲିକଙ୍କର ବ୍ୟକ୍ତିଗତ ସ୍ୱାର୍ଥକୁ ହାସଲ କରିବା ପାଇଁ ମନଗଢ଼ା ତଥା ଗଣମାଧମ ନିଜେ ବିଚାରକ ବନିଯାଉଛି (ମିଡିଆ ଟ୍ରାଏଲ) । ସମାଜର ସେହି ପୁଞ୍ଜିପତି ବଡପଣ୍ଡାମାନଙ୍କ ସ୍ୱାର୍ଥ ଆଗରେ ସତେ ଯେମିତି ସବୁକିଛି ନିରାଶ ହୋଇ ଯାଇଛି । ସରକାରୀ କଳର ବିଜ୍ଞାପନ ଆଶାରେ 'ତିନିତୁଣ୍ଡରେ ଛେଳି କୁକୁର' ଭଳି ଦେଶର ପ୍ରକୃତ ସତ୍ୟକୁ ଜନସାଧାରଣଙ୍କ ପାଖରେ ପହଞ୍ଚାଇ ପାରୁନି ଆଜିର ଗଣମାଧମ ।

ଯେଉଁ କଲମ ମୁନ ଦେଶକୁ ସ୍ୱାଧିନତାର ସ୍ୱାଦ ଚଖାଇବାରେ ପ୍ରମୁଖ ଭୂମିକା ନେଇଥିଲା, ଆଜି ସେ କଲମ ମୁନର ଦାମ୍ଭିକତା ଦୁର୍ବଳ ହୋଇପଡିଛି । ଗଣମାଧମର ନୀତି ନୈତିକତା ସତେ ଯେମିତି ବନ୍ଧା ପଡିଯାଇଛି । ସଶକ୍ତ ରାଷ୍ଟ୍ର ନିର୍ମାଣରେ ଗଣମାଧମର ଦୂରଦର୍ଶିତା ଓ ଦୃଷ୍ଟିକୋଣ, ନିରପକ୍ଷେତା ଓ ନୈତିକତାର ଆବଶ୍ୟକତା ଥିବା ସ୍ଥଳେ ଏବେ ସବୁ ଯେମିତି ଓଲଟପାଲଟ ହୋଇଯାଇଛି । ଦେଶର ଶିକ୍ଷିତ ଯୁବକମାନଙ୍କ ବାସ୍ତବ ଚିତ୍ର, କୃଷି ଓ କୃଷକର ପ୍ରକୃତ ଛବି, ମହିଳା ସଶକ୍ତିକରଣର ନିଚ୍ଛକ ସତ୍ୟ ଆଜି ଗଣମାଧମର ଖବର ବନିପାରୁନାହିଁ । ଦେଶର ଆର୍ଥିକ ନୀତି ବିଶ୍ୱ ବଜାରର ପଶାପାଲି ଖେଳରେ ହଜିଯାଉଛି । ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ମୂଲ୍ୟ ହୁ ହୁ ହୋଇ ବଢ଼ିଚାଲିଛି । ଗରୀବ ଜନସାଧାରଣ ତ୍ରାହି ତ୍ରାହି ଡାକ ଦେବାବେଳେ ପ୍ରକୃତ ନିରପେକ୍ଷ ଖବର ପରିବେଷଣ କରିବାରେ ନୈତିକତା ହରାଇ ବସୁଛି ଗଣମାଧମ । ଆଜିର ଟିଆରପି ଖେଳରେ ରାଷ୍ଟ୍ର ନିର୍ମାଣର ମୂଳମନ୍ତ୍ରକୁ ଭୁଲିଯାଉଛି ଗଣମାଧମ । ତେବେ ବାସ୍ତବରେ ଏଥିପାଇଁ ଦାୟୀ କିଏ ? ଆମକୁ ଭୁଲିଯିବାକୁ ହେବନି ଯେ, ଉଚ୍ଚଶିକ୍ଷିତ, ସଂକ୍ରାନ୍ତ ବଂଶୀୟ ଧୃତରାଷ୍ଟ୍ର ମାନଙ୍କ ଅପେକ୍ଷା ବିବେକଯୁକ୍ତ ବିଚାରମନ୍ତ ବିଦୁରମାନେ ହିଁ ବେଶି ବରେଣ୍ୟ ଓ ବରଣୀୟ । ଗାନ୍ଧୀଙ୍କ ସାମ୍ବାଦିକତା ସର୍ବଦା ସମାଜରେ ଜନସାଧାରଣଙ୍କ ଜୀବନରେ, ଜୀବନ ପାଇଁ ଓ ଜୀବନଚର୍ଯ୍ୟାକୁ ପ୍ରାଧାନ୍ୟ ଦେଉଥିଲା । ଏବେ ସମୟ ଆସିଛି ବ୍ୟବସ୍ଥାର ଚତୁର୍ଥସ୍ତମ୍ଭ ଗଣମାଧମର ମୂଳଦୁଆ ଭୁଶୁଡିଯିବା ପୂର୍ବରୁ ରାଷ୍ଟ୍ରଗଠନର ପ୍ରକୃତ ମନ୍ତ୍ରକୁ ଆପଣେଇ ନେଇଯାଉ ।



# ପରୀକ୍ଷାରେ କବଚ

**ମହାତ୍ମା ଗାନ୍ଧୀ**

**ଯା**ବତୀୟ ପରୀକ୍ଷା ସମୟରେ ସେ ମୋତେ ରକ୍ଷା କରିଛନ୍ତି । ମୁଁ ଭଲ କରି ଜାଣେ ଯେ, 'ଈଶ୍ୱର ମୋତେ ରକ୍ଷା କଲେ' ବାକ୍ୟାଂଶଟିର ଆଜି ମୋ'ପାଇଁ ଏକ ଗଭୀରତର ଅର୍ଥ ରହିଛି, ମୁଁ ତଥାପି ଅନୁଭବ କରୁଛି ଯେ ମୁଁ ଏବେ ସୁଦ୍ଧା ଏହାର ସମ୍ପୂର୍ଣ୍ଣ ଅର୍ଥଟିକୁ ବୁଝି ପାରିନାହିଁ ।

ମୋ' ଅଭିଜ୍ଞତା ଆହୁରି ଅଧିକ ସମୃଦ୍ଧ ହୋଇପାରିଲେ ଯାଇ ତାହା ମୋତେ ଏକ ପରିପୂର୍ଣ୍ଣତାର ବୋଧ ନିମନ୍ତେ ସାହାଯ୍ୟ କରିପାରିବ ।

ମୋ' ଜୀବନର ସକଳ ପରୀକ୍ଷାରେ ଆଧାତ୍ମିକ ପରୀକ୍ଷା, ଜଣେ ଆଇନ୍‌ଜୀବୀ ହିସାବରେ, ନାନା ଅନୁଷ୍ଠାନର ପରିଚାଳନାରେ ତଥା ରାଜନୀତିରେ ମୋ'ର ଯାବତୀୟ ପରୀକ୍ଷାରେ ମୋତେ ଈଶ୍ୱର ରକ୍ଷା କରିଛନ୍ତି ବୋଲି ମୁଁ କହିପାରିବି । ଯେତେବେଳେ ସକଳ ଆଶା ଅନ୍ତର୍ହିତ ହୋଇଯାଏ, 'ଯେତେବେଳେ ସାହାଯ୍ୟକାରୀ କେହି ନଥାନ୍ତି ଓ ସାନ୍ତ୍ୱନା ସୁଦୁରପରାହତ ହୋଇ ରହିଥାଏ', ସେତେବେଳେ ଯେକୌଣସି ପ୍ରକାରେ ସାହାଯ୍ୟ ଆସି ପହଞ୍ଚିଯାଏ, ମୁଁ ସେକଥା ଜାଣିଛି ; କେଉଁଠାରୁ ଆସେ, ସେକଥା ମୁଁ କହି ପାରିବିନାହିଁ ।

ପ୍ରାର୍ଥନା ହିଁ ମୋ' ଜୀବନକୁ ରକ୍ଷା କରିଆସିଛି । ତାହା ବ୍ୟତୀତ ମୁଁ କେଉଁ କାଳରୁ ଗୋଟିଏ ପାଗଳ ହୋଇ ସାରନ୍ତିଣି । ମୋ'ର ଆତ୍ମଜୀବନୀ ତୁମକୁ କହିଦେଇ ପାରିବ ଯେ, ମୋ' ଜୀବନରେ ସାମୂହିକ ତଥା ବ୍ୟକ୍ତିଗତ ଉଭୟ କ୍ଷେତ୍ରରେ ମୋ'ର ଅନେକ ତିକ୍ତତମ ଅଭିଜ୍ଞତାମାନ ହୋଇଛି । ସେଗୁଡ଼ିକ ସାମୟିକ ଭାବରେ ମୋତେ ନିରାଶା ଭିତରେ ନେଇ ପକାଇ ଦେଇଥିଲେ ଏବଂ, କେବଳ ପ୍ରାର୍ଥନାର ସାହାଯ୍ୟରେ ହିଁ ମୁଁ ସେଥିରୁ ନିସ୍ତାର ପାଇ ପାରୁଥିଲି ।

ଏଠାରେ ହୁଏତ ମୁଁ ଏକଥା ମଧ କହିବି ଯେ, ସତ୍ୟ ଯେପରି ମୋ' ଜୀବନର ଏକ ଅଂଶରେ ପରିଣତ ହୋଇଯାଇ ପାରିଛି, ପ୍ରାର୍ଥନା ସେପରି ଆଦୌ ହୋଇ ପାରିନାହିଁ । ଏହା ନିରାଟ ପ୍ରୟୋଜନରୁ ହିଁ ମୋ' ପାଖକୁ ଆସିଛି । ଯେତେବେଳେ ତାହା ବ୍ୟତୀତ ମୁଁ ହୁଏତ କଦାପି ସୁଖୀ ହୋଇ ପାରି ନ ଥାନ୍ତି, ସେତିକି ବେଳେ । ଭଗବାନଙ୍କଠାରେ ରହିଥିବା ମୋ'ର ବିଶ୍ୱାସ ଅଧିକ ହୋଇଛି, ପ୍ରାର୍ଥନା ଲାଗି ବ୍ୟାକୁଳତା ମଧ ସେତିକି ଅଧିକ ଅପ୍ରତିରୋଧ ହୋଇ ପାରିଛି । ପ୍ରାର୍ଥନା ବ୍ୟତୀତ ଜୀବନ ଅତ୍ୟନ୍ତ ନୀରସ ଏବଂ ଶୂନ୍ୟଗର୍ଭ ହିଁ ବୋଧ ହୋଇଛି ।

ଦକ୍ଷିଣ ଆଫ୍ରିକାରେ ମୁଁ ଖ୍ରୀଷ୍ଟଧର୍ମୀୟ ଈଶ୍ୱରୋପାସନାରେ ଯୋଗ ଦେଇଥିଲି, କିନ୍ତୁ ତାହା ମୋତେ ପ୍ରଭାବିତ କରି ପାରି ନ ଥିଲା । ମୁଁ ସେମାନଙ୍କର ପ୍ରାର୍ଥନାରେ ସାମିଲ୍ ହୋଇ ପାରିଲି ନାହିଁ । ସେମାନେ ଈଶ୍ୱରଙ୍କ ପାଖରେ କେତେ କ'ଣ ମାଗୁଥିଲେ, ମାତ୍ର ମୁଁ ସେପରି କରି ପାରୁନଥିଲି । ମୁଁ ଅତି ଶୋଚନୀୟ ଭାବରେ ବିଫଳ ହେଉଥିଲି । ପ୍ରଥମରୁ ହିଁ ଈଶ୍ୱରଙ୍କ ବିଷୟରେ ଏବଂ ପ୍ରାର୍ଥନା ବିଷୟରେ ମୋ'ର ଅବିଶ୍ୱାସ ଜାତ ହେଲା ଏବଂ, ଜୀବନରେ ଏକ ପରବର୍ତ୍ତୀ କାଳ ପର୍ଯ୍ୟନ୍ତ ମୁଁ ଜୀବନରେ ଶୂନ୍ୟତା ଭଳି କୌଣସି ଜିନିଷ କେବେହେଲେ ଅନୁଭବ କରି ନଥିଲି । ମାତ୍ର, ସେହି ଅବସ୍ଥାରେ ପହଞ୍ଚି ମୁଁ ଅନୁଭବ କରିଥିଲି ଯେ ଶରୀର ନିମନ୍ତେ ଖାଦ୍ୟ ଯେପରି ଅପରିହାର୍ଯ୍ୟ, ଠିକ୍ ସେହିପରି ଆତ୍ମା ନିମନ୍ତେ ପ୍ରାର୍ଥନା ମଧ ଅପରିହାର୍ଯ୍ୟ । ବସ୍ତୁତଃ, ଆତ୍ମା ଲାଗି ପ୍ରାର୍ଥନା ଯେତେ ଦରକାର, ଶରୀର ଲାଗି ଖାଦ୍ୟ ସେତେ ଦରକାର ମଧ ନୁହେଁ । କାରଣ, ଶରୀରକୁ ସୁସ୍ଥ ରଖିବା ପାଇଁ ଅନେକ ସମୟରେ ଉପବାସ କରିବା ଦରକାର ହୁଏ, ମାତ୍ର ପ୍ରାର୍ଥନାରୁ ଉପବାସ ରହିବା ଭଳି କୌଣସି କଥା ମୋଟେ ସମ୍ଭବ ହେବନାହିଁ ।

ରାଜନୀତିର ଦିଗ୍‌ବଳୟରେ ହତାଶା ମୋ' ସମ୍ମୁଖରେ କଟମଟ କରି ଅନାଇ ରହିଥିବା ସତ୍ତ୍ୱେ ମୁଁ ଆଦୌ କେବେହେଲେ ମୋ'ର ଶାନ୍ତିକୁ ହରାଇ ବସିନାହିଁ । ବସ୍ତୁତଃ ମୁଁ ଏପରି ଲୋକଙ୍କୁ ଜାଣିଛି, ଯେଉଁମାନେ କି ମୋ'ର ଶାନ୍ତିକୁ ଈର୍ଷା କରିଛନ୍ତି । ସେହି ଶାନ୍ତି ପ୍ରାର୍ଥନାରୁ ଆସେ ବୋଲି ମୁଁ କହିବି । ମୁଁ ଜ୍ଞାନର ଜଣେ ମନୁଷ୍ୟ ଆଦୌ ନୁହେଁ, ମାତ୍ର ମୁଁ ପ୍ରାର୍ଥନାର ଜଣେ ମନୁଷ୍ୟ ବୋଲି ସକଳ ବିନୟର ସହିତ ଅବଶ୍ୟ ଦାବି କରିଛି । ପ୍ରାର୍ଥନାର ବାହ୍ୟରୂପ ବିଷୟରେ ମୁଁ ଏକାନ୍ତ ଉଦାସୀନ । ସେହି କ୍ଷେତ୍ରରେ ପ୍ରତ୍ୟେକ ବ୍ୟକ୍ତି ତା'ର ନିଜ ନିୟମଟିକୁ ଆବିଷ୍କାର କରିବ । ମାତ୍ର, କେତେକ ସୁ-ସୂଚିତ ମାର୍ଗ ଅବଶ୍ୟ ରହିଛି ଏବଂ ପ୍ରଚୀନ ଗୁରୁମାନେ ଯେଉଁ ମାର୍ଗରେ ଯାଇଛନ୍ତି, ସେହି ପରିଚିତ ମାର୍ଗଗୁଡ଼ିକରେ ଯିବା ଅବଶ୍ୟ ନିରାପଦ ।

ମୁଁ ମୋ'ର ବ୍ୟକ୍ତିଗତ ଅନୁଭବଟିର ବର୍ଣ୍ଣନା ଦେଇଛି । ତେଣୁ, ପ୍ରତ୍ୟେକ ମନୁଷ୍ୟ ନିଜେ ଚେଷ୍ଟା କରି ଆବିଷ୍କାର କରୁ ଯେ, ଦୈନନ୍ଦିନ ପ୍ରାର୍ଥନା ଦ୍ୱାରା ସେ ନିଜ ଜୀବନରେ କିଛି ନା କିଛି ନୂଆ କରି ଲାଭ କରୁଛି । ଏପରି କିଛି ଲାଭ କରୁଛି, ଯାହା ସହିତ କାହାରି ତୁଳନା କରାଯାଇ ପାରିବ ନାହିଁ ।


କୌଣସି ପବିତ୍ର ଲକ୍ଷ୍ୟର ସାଧନରେ କଦାପି ପରାଜୟ ସ୍ୱୀକାର କରନାହିଁ ଏବଂ ଆଜିଠାରୁ ଦୃଢ଼ଭାବରେ ବିଶ୍ୱାସ ସଞ୍ଚୟ କର ଯେ ତୁମେ ଅବଶ୍ୟ ଶୁଦ୍ଧ ରହିବ ଏବଂ ତେବେ ଈଶ୍ୱରଙ୍କ ଠାରୁ ଏକ ପ୍ରତ୍ୟୁତ୍ତର ଅବଶ୍ୟ ମିଳିବ । ମାତ୍ର ଈଶ୍ୱର କେବେହେଲେ ଜଣେ ଉଦ୍ଧତ ବ୍ୟକ୍ତିର ପ୍ରାର୍ଥନାର ଉତ୍ତର ଦିଅନ୍ତି ନାହିଁ, ବା ଯେଉଁମାନେ ତାଙ୍କ ସହିତ ମୂଲଚାଲ କରୁଥାନ୍ତି, ସେମାନଙ୍କ ପ୍ରାର୍ଥନାର ମଧ ଉତ୍ତର ଦିଅନ୍ତିନାହିଁ ।

ଯଦି ତୁମେ ତାଙ୍କୁ ସାହାଯ୍ୟ ଲାଗି ପ୍ରାର୍ଥନା କରିବ, ତେବେ ତୁମେ ସମ୍ପୂର୍ଣ୍ଣ ବିବସନ ହୋଇ ତାଙ୍କ ପାଖକୁ ଯିବ ନିଜ ଭିତରେ କୌଣସି ଦ୍ୱିତୀୟ ଭାବନା ନରଖି ତାଙ୍କର ନିକଟବର୍ତ୍ତୀ ହେବ, ତୁମଠାରେ କୌଣସି ଭୟ ନଥିବ ଏବଂ ତୁମପରି ଜଣେ ପତିତ ମନଷ୍ୟକୁ ସେ କିପରି ସାହାଯ୍ୟ କରିବେ, ସେହି ବିଷୟରେ କୌଣସି ସନ୍ଦେହ ମଧ ନଥବ । ତାଙ୍କର ଆଶ୍ରୟ ମାଗିବାକୁ ଯାଇଥବା କୋଟି କୋଟି ମନୁଷ୍ୟଙ୍କୁ ଯିଏ ସାହା ହୋଇଛନ୍ତି, ସେ କ'ଣ କେବେହେଲେ ତୁମକୁ ନିରାଶ କରିଦେବେ ? ସେ ଆଦୌ କୌଣସି ପ୍ରକାରର ପାତରଅନ୍ତର କରନ୍ତିନାହିଁ ଏବଂ ତୁମେ ଦେଖିବ ଯେ, ତୁମର ପ୍ରତ୍ୟେକଟି ପ୍ରାର୍ଥନାର ଫଳ ତୁମକୁ ମିଳିବ । ଅଶୁଦ୍ଧରୁ ଆହୁରି ଅଶୁଦ୍ଧ ଜଣେ ବ୍ୟକ୍ତିର ପ୍ରାର୍ଥନାର ମଧ ପ୍ରତ୍ୟୁତ୍ତର ମିଳିବ । ଏକଥା ମୁଁ ମୋ'ର ବ୍ୟକ୍ତିଗତ ଅଭିଜ୍ଞତାରୁ ହିଁ କହୁଛି । ମୁଁ ଏହି ଶୋଧନ-ପ୍ରକ୍ରିୟାର ମଧଦେଇ ଯାଇଛି । ତେଣୁ, ସର୍ବପ୍ରଥମେ ତୁମେ ସେହି ସ୍ୱର୍ଗରାଜ୍ୟ ଲାଗି ଆକାଂକ୍ଷା ରଖ ଏବଂ ତେବେ ତୁମକୁ ସବୁକିଛି ମିଳିଯିବ ।

ସିଏ ଯେ କେବେ ଉତ୍ତର ଦେଇନାହାନ୍ତି, ଏପରି ମୁଁ କେବେ ହେଲେ ଅଙ୍ଗେ ନିଭାଇ ନାହିଁ । ଦିଗ୍‌ବଳୟ ଯେତେବେଳ ସବୁଠାରୁ ଅଧିକ ଅନ୍ଧାର ହୋଇ ଆସିବାପରି ଦେଖାଯାଇଛି, ସେତେବେଳେ ମୁଁ ତାଙ୍କୁ ସବୁଠାରୁ ଅଧିକ ନିକଟବର୍ତ୍ତୀ ହୋଇ ରହିଥିବାର ଦେଖିବାକୁ ପାଇଛି । ଜେଲ୍ ଭିତରେ ଥିବା ସମୟର ମୋ'ର ଏକାଧିକ ଅଗ୍ନିପରୀକ୍ଷା ସମୟରେ ଯେତେବେଳେ ମୋ'ର ପଥ ଆଦୌ ସୁଗମ ନଥିଲା, ସେତେବେଳେ ମଧ ସେହିପରି ଘଟିଛି । ଜୀବନରେ ଏପରି ଗୋଟିଏ ମୁହୂର୍ତ୍ତ ମଧ ଆସିଥିବାରୁ ମୁଁ ମନେ ପକାଇ ପାରୁନାହିଁ, ଯେତେବେଳେ କି ଈଶ୍ୱର ମୋତେ ଛାଡ଼ି ଚାଲିଗଲେ ବୋଲି ମୋତେ ବୋଧ ହୋଇଛି ।

# ମୋତିଆ ବିନ୍ଦୁ ପାଇଁ ଉପକାରୀ ଭିଟାମିନ ସି'

**ମୋତି**ଆବିନ୍ଦୁ ସାଧାରଣତଃ ବୟସଗତ ସମସ୍ୟା । ବୟସ ବଢ଼ିଲେ ସମସ୍ୟା ବଢ଼େ । ଦୂଷିତ ପରିବେଶରେ ଦୀର୍ଘଦିନ ରହିବା ଦ୍ୱାରା ଏଭଳି ସମସ୍ୟା ଉପୁଜିବାର ଆଶଙ୍କା ଥିବା ସ୍ୱାସ୍ଥ୍ୟ ବିଜ୍ଞାନୀଙ୍କ ମତ । ଭିଟାମିନ୍ ସି' ଏହି ସମସ୍ୟା ଦୂର କରିବାକୁ ସକ୍ଷମ । ଅନ୍ୟ ବ୍ୟକ୍ତିଙ୍କ ତୁଳନାରେ ଖାଦ୍ୟରେ ନିୟମିତ ଭିଟାମିନ୍ ସି' ଗ୍ରହଣ କରୁଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ମୋତିଆବିନ୍ଦୁ ଆଶଙ୍କା ତେତିଶ ପ୍ରତିଶତ ହ୍ରାସ ପାଉଥିବା ଏକ ଅଧ୍ୟୟନରୁ ପ୍ରକାଶ ।



# ସ୍ୱର୍ବେଦ

**ସୂକ୍ଷମ କାରଣ ଦେହ ଜୋ,**
**ଛୁଟେ ନ କରମୀ ଜୀଓ୍ୱ ।**
**ଜନ୍ମ ମରଣ ସଂକଟ ସହେ,**
**ମିଲୈ ନ ଆପନ ପୀଓ୍ୱ ॥୧୨॥**

ଭାଷ୍ୟ - କର୍ମ ଜଡ଼ ଜଗତରେ ରହୁଥିବା ସଂସାରୀ ପ୍ରାଣୀମାନଙ୍କର ସୂକ୍ଷ୍ମ ଏବଂ କାରଣ ଦେହକୁ ଛାଡ଼େ ନାହିଁ । ସେମାନେ ଏମାନଙ୍କ ଦ୍ୱାରା ଜନ୍ମ ମୃତ୍ୟୁ ସଂକଟରେ ପଡ଼ି ନିଜ ଶୁଦ୍ଧ ସ୍ୱରୂପକୁ ପ୍ରାପ୍ତ କରି ପାରନ୍ତି ନାହିଁ । ଫଳସ୍ୱରୂପ ନିଜ ପରମାନନ୍ଦକୁ ମଧ୍ୟ ପ୍ରାପ୍ତ କରିପାରନ୍ତି ନାହିଁ ।

**ଜୀଓ୍ୱ ତୋ ନିତ୍ୟ ଅନାଦି ହୈ,**
**ମରେ ନ ଜୀଓ୍ୱେ ସୋୟ ।**
**ସତ ଚିତ ରୂପ ପୁରାନ ହୈ,**
**ସହଜ ସନାତନ ସୋୟ ॥୧୩॥**

ଭାଷ୍ୟ - ଜୀବ, ନିତ୍ୟ ଅନାଦି ବସ୍ତୁ ଅଟେ । ସୁତରାଂ ତାହାର ଜନ୍ମ କିମ୍ବା ମୃତ୍ୟୁ ହୁଏନାହିଁ । ଏହା ସତ୍ ଚିତ୍ ସ୍ୱରୂପ କୂଟସ୍ଥ ଏବଂ ନିତ୍ୟ ଅଟେ ।


**ଜୀଓ୍ୱ ଦେହ କେ ସାଥ ମେଁ,**
**ସହତ ତ୍ରିବିଧ ଦୁଖ ସୋୟ ।**
**ଜନମ ମରଣ ତନ ଧର୍ମ ହୈ,**
**ଜୀଓ୍ୱ ଅମର ତନ ସୋୟ ॥୧୪॥**

ଭାଷ୍ୟ - ଜୀବ ଦେହଧାରୀ ହୋଇ ଥିବାରୁ ତାକୁ ନାନାଦି କଷ୍ଟ ସହିବାକୁ ପଡ଼େ । ଜନ୍ମ ଆଉ ମୃତ୍ୟୁ ଏ ଦୁଇ ଧର୍ମ ଶରୀରର ଅଟେ । ଜୀବାତ୍ମା ଚେତନ ଏବଂ ଅବିନାଶୀ ଅଟେ ।

**ଦେହ ନାଶ ଜିଓ୍ୱ ନାଶ ନହିଁ,**
**ଦେହୀ ଦେହ ଅଭାଓ୍ୱ ।**
**ଜନମ ମରଣ ସେ ରହିତ ହୈ,**
**ଦେହ ସମ୍ବନ୍ଧ କହାଓ୍ୱ ॥୧୫॥**

ଭାଷ୍ୟ - କର୍ମ ସହ ସମ୍ବନ୍ଧ ଥିବାରୁ ବାରମ୍ବାର ଆତ୍ମା ଆଉ ଶରୀରର ସମ୍ବନ୍ଧ ରହିଥାଏ । ଦେହ ନାଶ ହେଉଥିଲେ ସୁଦ୍ଧା ଆତ୍ମା ଅବିନାଶୀ ହୋଇଥିବାରୁ ଦେହର ଅଭାବ ହୋଇଯାଏ । ଆତ୍ମା ଆଉ ଦେହର ସମ୍ବନ୍ଧ ହେବା ଫଳରେ ଜୀବ ଜନ୍ମ ମରଣ ଦୁଃଖକୁ ପ୍ରାପ୍ତ ହୋଇଥାଏ । ବାସ୍ତବରେ ଆତ୍ମା ଜନ୍ମ ଆଉ ମରଣର ଉର୍ଦ୍ଧ୍ୱରେ । ଏହି ଦେହ ସମ୍ବନ୍ଧକୁ ଛାଡ଼ିବା ପାଇଁ ପ୍ରଭୁ ଭକ୍ତି ବିନା ଅନ୍ୟ ପନ୍ଥା ନାହିଁ ।

**ଶସ୍ତ୍ର ଓ୍ୱିଚ୍ଛେଦନ ନହିଁ କରେ,**




**ଅଗିନ ନ ଜାରେ ସୋୟ ।**
**ମାରୁତ ତାହି ନ ସୋଖଈ, ଅମୃତ**
**ଚେତନ ସୋୟ ॥୧୬॥**

ଭାଷ୍ୟ - ଜଡ଼ ପଦାର୍ଥ ନଷ୍ଟ ହୋଇଯାଏ । ଅନ୍ୟପକ୍ଷରେ ଚେତନ ପଦାର୍ଥ ଏକ ରୂପରେ ରହିଥାଏ । ସୁତରାଂ ଚେତନ ଆତ୍ମାକୁ ଶସ୍ତ୍ର ନଷ୍ଟ କରିପାରେ ନାହିଁ, ନା ଅଗ୍ନି ଜାଳିପାରେ, ନା ବାୟୁ ଶୁଖାଇ ପାରେ । ସେହି ଅମୃତ ଚେତନ ଆତ୍ମା ନିତ୍ୟ ଅଟେ ।

**ଜଡ଼ ଚେତନ କେ ଯୋଗ ସେ,**
**ଗ୍ରନ୍ଥି ବନୀ ଅଜ୍ଞାନ ।**
**ଝୁଠ ଦେହ ଅଭିମାନ ହୈ,**
**ଚେତନ ରୂପ ମହାନ ॥୧୭॥**

ଭାଷ୍ୟ - ପ୍ରକୃତି ସହ ଆତ୍ମାର ସମ୍ବନ୍ଧ ହେତୁ ଅଜ୍ଞାନର ଗଣ୍ଠି ପଡ଼ିଛି । ଆତ୍ମା ମୋହାବିଷ୍ଟ ହୋଇ ଶରୀର ସହ ମମତ୍ୱ ରଖେ, ମାତ୍ର ଏହି ଦେହାଭିମାନ ମିଛ ହୋଇଥିବାରୁ ଅସ୍ଥିର ମଧ୍ୟ ଅଟେ । ଆତ୍ମାର ଶୁଦ୍ଧ ମହାନ୍ ସ୍ୱରୂପ ପ୍ରକୃତିର ତ୍ରିଗୁଣରୁ ଶୂନ୍ୟ ଅଟେ । ଆତ୍ମା ଜଡ଼, ପ୍ରକୃତି ସଂଘାତରହିତ ଚେତନ ଅମୃତ ଅଟେ ।

**ତ୍ୟାଗ ଦେହ ଅଭିମାନ କୋ,**
**ଦୁଖ କା ଭାଜନ ଦେହ ।**
**ଦେହ ବନ୍ଧ କା କୋଟ ହୈ, ମଲ**
**ବୀରଜ ରଜ ଏହ ॥୧୮॥**

ଭାଷ୍ୟ - ଦୁଃଖ ଭୋଗର ସ୍ଥାନ ଶରୀର ଅଟେ । କର୍ମ, ଭୋଗ ଏବଂ ବାସନା ରୁ ହିଁ ଜୀବର ଆତଯାତ ହୋଇଥାଏ । ସେଥିପାଇଁ ଦେହର ଅଭିମାନକୁ ତ୍ୟାଗକରି ଆତ୍ମଜ୍ଞାନ ନିମନ୍ତେ ପ୍ରୟତ୍ନ କରିବା ଉଚିତ ଯାହା ଦ୍ୱାରା ପରଂବ୍ରହ୍ମଙ୍କର ପ୍ରାପ୍ତି ହୋଇପାରିବ । ଦେହ ସମସ୍ତ ଦୁଃଖ ବନ୍ଧନର ଦୁର୍ଗ ଅଟେ ଆଉ ସ୍ତ୍ରୀ ପୁରୁଷଙ୍କର ମୈଥୁନ ସଂଯୋଗରୁ ସୃଷ୍ଟ ମଳ ମୂତ୍ରର ଏହି ଶରୀର ଅଶୁଦ୍ଧ ଅଟେ ।

**ଦେହୀ ଦେହ ସେ ଅଲଗ ହୈ,**
**ଦେହ ଓ୍ୱିକାର ସ୍ୱରୂପ ।**
**ଜୀଓ୍ୱ ଶତ୍ରୁ ତନ ମେଁ ବସେ, ଜିଓ୍ୱ**
**ଭ୍ରମ ନାନା ରୂପ ॥୧୯॥**

ଭାଷ୍ୟ - ଜୀବାତ୍ମା ସମଗ୍ର ଶରୀରରୁ ଭିନ୍ନ ଅଟେ । ଦେହ ସଂଘାତ ପ୍ରକୃତିର ବିକାର ଅଟେ । ଜୀବରୂପୀ ଶତ୍ରୁ ଏହି ଶରୀରରେ ପ୍ରବେଶ କରି ଅଜ୍ଞାନତାବଶତଃ ଅନେକ ସ୍ୱରୂପକୁ ଧାରଣ କରିଥାଏ । ଜୀବାତ୍ମା ଦ୍ୱାରା ହିଁ ଏହି ଶରୀରର ହ୍ରାସ ବୃଦ୍ଧି ହୋଇଥାଏ ଓ ଶରୀରର ନାନାଦି ଅବସ୍ଥା ହୋଇଥାଏ । ଶରୀରରୁ ଆତ୍ମା ଅଲଗା ହୋଇଯିବା ପରେ ମୃତ୍ୟୁ ପ୍ରାପ୍ତି ହୋଇଯାଏ । ସେଥିପାଇଁ ଏହି ଦୋହାରେ ଆତ୍ମାକୁ ଏହି ଶରୀରର ଶତ୍ରୁ ବୋଲି କୁହାଯାଇଛି ।

**ତ୍ୟାଗ ଦେହ ନିଜ ରୂପ ରହ,**
**ସୁମୋରୋ ପୁରୁଷ ଓ୍ୱିଦେହ ।**
**ଜନ୍ମ ମରଣ ଫନ୍ଦା କଟେ, ଜୀଓ୍ୱନ**
**ମୁକ୍ତ ଓ୍ୱିଦେହ ॥୨୦॥**

ଭାଷ୍ୟ - ଶରୀରକୁ ଯୋଗ ଯୁକ୍ତିରେ ତ୍ୟାଗକରି ନିଜ ଚେତନ ସ୍ୱରୂପରେ ଅବ୍ୟକ୍ତ ପରମ ପୁରୁଷଙ୍କର ସ୍ମରଣ କରନ୍ତୁ, ଯାହା ଫଳରେ ଜନ୍ମ ମରଣର ବନ୍ଧନ ନଷ୍ଟ ହୋଇ ଜୀବନ୍ମୁକ୍ତି ତଥା ପରମାନନ୍ଦର ପ୍ରାପ୍ତି ହୋଇପାରିବ ।

**କୌନ ମରେ କୋ ଜିଓ୍ୱତ ହୈ,**
**ୟହ କୈସା ଅଜ୍ଞାନ ।**
**ଜନମ ମରଣ ସେ ରହିତ ହୈ,**
**ଚେତନ ଜୀଓ୍ୱ ସମାନ ॥୨୧॥**

ଭାଷ୍ୟ - କିଏ ମରେ ଆଉ କିଏ ଜନ୍ମ ନିଏ ? ଜନ୍ମ ଆଉ ମୃତ୍ୟୁ - ପ୍ରକୃତିର ଏହି ଧର୍ମରୁ ଆତ୍ମା ମୁକ୍ତ ଅଟେ । ଏହାର ଜନ୍ମ ଆଉ ମରଣ ବିଷୟରେ ଜାଣିବାକୁ ପ୍ରୟାସ କରିବା ଅଜ୍ଞାନତା ଅଟେ । ଏହା ନିତ୍ୟ, ଚେତନ ଏବଂ କୂଟସ୍ଥ ଅଟେ ।

**ଜରା ୟୁଓ୍ୱା ବାଲକ ବନେ, ଜଡ଼**
**ମାୟା କର ରୂପ ।**
**ତୁମ ତୋ ଏକ ସ୍ୱରୂପ ହୋ,**
**ଚେତନ ଧର୍ମ ଅନୂପ ॥୨୨॥**

ଭାଷ୍ୟ - ବାଳକ, ଯୁବକ ଏବଂ ବୃଦ୍ଧ ଅବସ୍ଥା - ଏହା ଶରୀରର ଧର୍ମ ଅଟେ ଯାହା ଜଡ଼ ପ୍ରକୃତି ସମାନ ଅଟେ । ତୁମେ ନିତ୍ୟ ଚେତନସ୍ୱରୂପ ଅଟ । ଶରୀର ସଂଘାତରୁ ଭିନ୍ନ ଆତ୍ମା ଶୁଦ୍ଧ ଚେତନ ସ୍ୱରୂପ ଅଟେ ।

**ଦେହୀ ଦେହ ସମ୍ବନ୍ଧ ମେଁ, ଦୁଖ**
**ସୁଖ କର୍ମ କମାୟ ।**
**ଦେହୀ ଦେହ ଅସଙ୍ଗ ମେଁ,**
**ଚେତନ ଗୁଣ କ୍ରିୟ ଆୟ ॥୨୩॥**

ଭାଷ୍ୟ - ଆତ୍ମା, ଦେହର ସମ୍ବନ୍ଧରୁ କର୍ମମାନଙ୍କ ଦ୍ୱାରା ଦୁଃଖ ସୁଖକୁ ପ୍ରାପ୍ତ କରିଥାଏ ଆଉ ସେଥିରୁ ଭିନ୍ନ ହେବାପରେ ନିଜର ଚେତନ ଗୁଣ ଆଉ କର୍ମକୁ ପ୍ରାପ୍ତକରି ନିଜ ସ୍ୱରୂପରେ ସ୍ଥିତ ହୋଇଯାଏ ।

**ତ୍ରିଗୁଣାତ୍ମିକ ଜଡ଼ ପ୍ରକୃତି ହୈ,**
**ଚେତନ ଚେତନ ଭାଓ୍ୱ ।**
**ଦୋନୋଁ ଅଲଗ ତଟସ୍ଥ ହୈଁ,**
**କର୍ମ ନ ପ୍ରାଦୁର୍ଭାଓ୍ୱ ॥୨୪॥**

ଭାଷ୍ୟ - ଜଡ଼ ପ୍ରକୃତିର ସତ୍ତ୍ୱ, ରଜ, ତମ - ଏ ତିନି ଗୁଣ ଅଛନ୍ତି ଓ ଚେତନ ଆତ୍ମାର ସତ୍ ଚିତ୍ ଯାହା ଚେତନ ଗୁଣ ଅଟନ୍ତି । ଦୁହେଁ ଅଲଗା ଏବଂ ଭିନ୍ନ ତଥା ବିଜାତୀୟ ତତ୍ତ୍ୱ ଅଟନ୍ତି । ଦୁହିଙ୍କର କର୍ମ, ଗୁଣ ଏବଂ ସ୍ୱଭାବ ଭିନ୍ନ ଭିନ୍ନ । ଜଡ଼ ଚେତନ ଦୁଇ ପଦାର୍ଥ ଏକତ୍ର ମିଳନ୍ତି ନାହିଁ । ଅଜ୍ଞାନ, ମୋହରୁ ଦୁହିଙ୍କର ସମ୍ବନ୍ଧ ରହିଛି, ଯାହା ଅନିତ୍ୟ ଅଟେ । ପ୍ରକୃତି ଆଉ ଆତ୍ମା ଦୁହେଁ ଭିନ୍ନ ଭିନ୍ନ ବସ୍ତୁ ଅଟନ୍ତି ।

**ଜଡ଼ ଚେତନ କୀ ଗ୍ରନ୍ଥି ମେଁ,**
**ତ୍ରିଗୁଣ ଭାଓ୍ୱ ଜିଓ୍ୱ ଆଓ୍ୱ ।**
**ଗୁଣନ ଭାଓ୍ୱମୟ କର୍ମ ହୈ, କର୍ମ**
**ତ୍ରିଗୁଣ କର ଓ୍ୱାଓ୍ୱ ॥୨୫॥**

ଭାଷ୍ୟ - ଆତ୍ମାକୁ ପ୍ରକୃତି ସମ୍ବନ୍ଧରୁ ତାହାର ତ୍ରିଗୁଣଗୁଡ଼ିକର ଭାବ ଆସିଥାଏ ଆଉ ସେହି ତ୍ରିଗୁଣର ଭାବ-ଅନୁକୂଳ କର୍ମ ହୋଇଥାନ୍ତି । ତ୍ରିଗୁଣଗୁଡ଼ିକର ଅନୁସାରେ ହିଁ ଜୀବ କର୍ମ କରିଥାଏ ।

**କର୍ମ କା କରତା ଜୀଓ୍ୱ ହୈ, କର୍ମ**
**ଗୁଣନ ସେ ହୋୟ ।**
**କରତା ସୋ ଭୋଗତା ବନେ,**
**ସଂସୃତ ଦୁଖ ସହ ସୋୟ ॥୨୬॥**

ଭାଷ୍ୟ - କର୍ମ କରୁଥିବା ବ୍ୟକ୍ତି ହିଁ ଜୀବ ଅଟେ ଆଉ କର୍ମ ତ୍ରିଗୁଣମାନଙ୍କ ଦ୍ୱାରା ହୋଇଥାଏ । ଜୀବାତ୍ମା ସଂସାର ଦୁଃଖକୁ ସହ୍ୟକରି ସେହି କର୍ମଗୁଡ଼ିକୁ ଉପଭୋଗ କରିଥାଏ ।

## ଜିରା କମ୍ କରିବ ଓଜନ

ଭାରତୀୟ ମସଲାର ବ୍ୟବହାର କେବଳ ସ୍ୱାଦ ପାଇଁ ନୁହେଁ, ଏହା ଶରୀରକୁ ସୁସ୍ଥ ରଖିବାରେ ମଧ ସାହାଯ୍ୟ କରିଥାଏ । ଜାଣି ଆଶ୍ଚର୍ଯ୍ୟ ହେବେ ଦୈନିକ ସାମାନ୍ୟ କିଛି ଜିରା ମେଦ କମାଇବାରେ ସହାୟକ ହୋଇଥାଏ ।



ଏକ ନୂତନ ରିସର୍ଚ୍ଚରୁ ଜଣାପଡିଛି ଯେ ଜିରା ଓଜନ କମାଇବା, ଶରୀରରୁ ଚର୍ବି କମାଇବା ଓ ସ୍ୱାସ୍ଥ୍ୟଯୁକ୍ତ କୋଲେଷ୍ଟ୍ରାରେଲର ଉନ୍ନତି କରାଇବାରେ ସାହାଯ୍ୟ କରିଥାଏ । ଏଥିରେ ରହିଥିବା ଥାଇମଲ ଓ ଅନ୍ୟ ଆବଶ୍ୟକ ତୈଳ ଖାଦ୍ୟ ହଜମ କରିବାରେ ସାହାଯ୍ୟ କରିଥାଏ । ଜୀରା ଚା' ହଜମ ଶକ୍ତି ଠିକ୍ ରଖିଥାଏ, ଜୀରା ସହ କଦଳୀ ଖାଇଲେ ଏହା ଓଜନ କମାଇବାରେ ସାହାଯ୍ୟ କରିଥାଏ । ଏକ ଗ୍ଲାସ ପାଣିରେ ଏକ ଚାମଚ ଜୀରା ପକାଇ ଫୁଟାଇ ଦିଅନ୍ତୁ । ଫୁଟିଗଲା ପରେ ଏହାକୁ ଘୋଡ଼ାଇ ରଖିଦିଅନ୍ତୁ । ରୁମ୍ ତାପମାତ୍ରାରେ ଥଣ୍ଡାହେବା ପରେ ଏହି ଚା'କୁ ଦିନରେ ତିନିଥର ପିଅନ୍ତୁ । ଦୁଇଟି ବଡ଼ ଚାମଚ ଜିରାକୁ ରାତି ସାରା ଭିଜାଇ ଦିଅନ୍ତୁ । ସକାଳେ ସେହି ପାଣିକୁ ଫୁଟାଇ ଚା' ଭଳି ପିଅନ୍ତୁ । ଜିରାଗୁଡ଼ିକୁ ଚୋବାଇ ଖାଆନ୍ତୁ । ଏହା ନିୟମିତ କଲେ ଓଜନ ଖୁବ୍ ଶୀଘ୍ର କମିଥାଏ । ସେହିଭଳି ପାଣିରେ କିଛି ବୁନ୍ଦା ମହୁ ଓ ୩ ଗ୍ରାମ୍ ଜିରା ପାଉଡର ପକାଇ ପିଅନ୍ତୁ । ନିୟମିତ ୧୫ ଦିନ କଲେ ଓଜନ କମିବା ସମ୍ପର୍କରେ ଭଲଭାବେ ଜାଣିପାରିବେ । ଜିରା ଆଣ୍ଟି ଅକ୍ସିଡେଣ୍ଟ ଭଳି କାର୍ଯ୍ୟକରେ । ଏହା ତଳି ପେଟର ଚର୍ବି କମାଇଥାଏ । ଆମେରିକାର ଦକ୍ଷିଣ କାରୋଲିନାରେ ଥିବା ହିଲଟନ ହେଡ ଆଇଲ୍ୟାଣ୍ଡର କ୍ୟାନସର ରିସର୍ଚ୍ଚ ଲାବୋରୋଟୋରୀ ପକ୍ଷରୁ ଏହି ସର୍ବେକ୍ଷଣ କରାଯାଇଥିଲା ।

## ଟିକିଏ ହସନ୍ତୁ

ଶିକ୍ଷକ: ଏମିତି ଏକ ସ୍ତନ୍ୟପାୟୀ ପ୍ରାଣୀ ସମ୍ପର୍କରେ କୁହ, ଯେକି ଆକାଶରେ ଉଡ଼େ । ହେଲେ ଭୂମି ଉପରେ ଛୁଆ ଜନ୍ମ କରେ । ପ୍ରଶ୍ନ ଶୁଣି ସମସ୍ତେ ଚୁପ୍ ହେଇଗଲେ ।

ମୁନା: ସାର୍, ମତେ ଲାଗୁଚି ଏଇ ସ୍ତନ୍ୟପାୟୀ ପ୍ରାଣୀଟି ନିଶ୍ଚିତ ଭାବେ 'ଏୟାର ହୋଷ୍ଟେସ୍' ।

× × × ×

ସ୍ୱାମୀ ସ୍ତ୍ରୀକୁ: କହିଲ ଦେଖି ବାହାଘରରେ ବର ଘୋଡି ଉପରେ ବସେ, ଗଧ ଉପରେ କାହିଁକି ବସେ ନାହିଁ ?

ସ୍ତ୍ରୀ: ଏକାସାଙ୍ଗରେ ଦୁଇ ଗଧକୁ ଦେଖିଲେ କାଳେ କନିଆ ଦୌଡି ପଳେଇବ ସେଇଥି ପାଇଁ ।

× × × ×

ମାନୁ ମାଉସୀ ଚିଣ୍ଟୁକୁ: ପଢାପଢି ଠିକ୍‌ରେ ଚାଲିଛିତ ?

ଚିଣ୍ଟୁ: ହଁ, ମାଉସୀ ।

ମାନୁ ମାଉସୀ: ତା'ହେଲେ ରାତିରେ କେତେବେଳେ ଶୋଉଛୁ ?

ଚିଣ୍ଟୁ: ବହି ବାହାର କରି ପଢିଲେ ରାତି ୧୦ଟାରେ । ଆଉ ଫୋନ୍ ଧରିଲେ ରାତି ୨ଟାରେ ଶୁଏ ।



× × × ×

ଶିକ୍ଷକ ପପୁକୁ: ସତ୍ୟ ଓ ଭ୍ରମ ଭିତରେ ଫରକ କହିଲୁ ।

ପପୁ: ଆପଣ ପଢାଉଛନ୍ତି ଏହା ସତ୍ୟ । ହେଲେ ଆମେ ଯେ ତାକୁ ଶୁଣୁଛୁ ତାହା ଆପଣଙ୍କ ଭ୍ରମ ।

× × × × ×

ଗ୍ରାହକ ହୋଟେଲରେ ପ୍ରବେଶ କରୁ କରୁ ହୋଟେଲ ମାଲିକଙ୍କୁ ଆପଣଙ୍କର ଏଠି ସଫେଇ ପ୍ରତି ବହୁତ ଧ୍ୟାନ ଦିଆଯାଉଛି ।

ମାଲିକ ଖୁସି ହୋଇ: ଧନ୍ୟବାଦ ।

ହେଲେ ଆପଣ ଭିତରକୁ ନ ଯାଉଣୁ ଏକଥା କେମିତି ଜାଣିଲେ ?

ଗ୍ରାହକ: କାରଣ ମୁଁ ଆପଣଙ୍କ ହୋଟେଲ ଗେଟ୍ ଭିତରେ ପଶୁ ପଶୁ କେହି ଜଣେ ମୋ ପକେଟ୍ ସଫା କରିଦେଲା ।

× × × ×

ଶାଶୁ ମଡର୍ନ ବୋହୂକୁ: ମୁଁ କେତେଥର କହିଛି ବାହାରକୁ ଗଲାମାନେ ବିନ୍ଦି ଲଗେଇବୁ ।

ମଡର୍ନ ବୋହୂ: ମା', ଜିନ୍ସରେ କ'ଣ କିଏ ବିନ୍ଦି ଲଗାଏ ?

ଶାଶୁ: ମୁଁ କେତେବେଳେ କହିଲି ଜିନ୍ସରେ ବିନ୍ଦି ଲଗାଇବାକୁ ? ମୁଁ ତ କହୁଛି କପାଳରେ ଲଗେଇବୁ ।

## ରକ୍ତରେ ଶର୍କରା ନିୟନ୍ତ୍ରଣ କରେ କଲରା ଜୁସ୍

କଲରା ନାଁ ଶୁଣିବା ମାତ୍ରକେ ଅନେକ ଲୋକଙ୍କ ପାଟି ପିତା ହୋଇଯାଏ । କିନ୍ତୁ ସେମାନେ ଜାଣିନେବା ଉଚିତ୍ ଯେ ଏହା ପାଟିକୁ ପିତା ହୋଇପାରେ ସତ, କିନ୍ତୁ ଦେହକୁ ସମ୍ପୂର୍ଣ୍ଣ ହିତ । ରକ୍ତରେ ଶର୍କରା ସ୍ତରକୁ ନିୟନ୍ତ୍ରଣ କରିବାରେ କଲରା ବିଶେଷ ଭାବେ ସହାୟକ ହୋଇଥାଏ । କଲରାରେ ଥିବା ମୋମର୍ସିଡିନ୍ ଏବଂ ଚେରାଟିନ୍ ଭଳି ଆଣ୍ଟି ହାଇପର୍‌ଗ୍ଲେସେମିକ୍ ତତ୍ତ୍ୱ ରକ୍ତରେ ଶର୍କରା ସ୍ତରକୁ ନିୟନ୍ତ୍ରଣ କରିଥାନ୍ତି । ଏହାଛଡ଼ା କଲରାରେ ଆଣ୍ଟି ଅକ୍ସିଡାଣ୍ଟ ଭରପୁର ଥାଏ, ଯାହା ମଧୁମେହ ସହ ଲଢ଼ିବାରେ ସହାୟକ କରିଥାଏ । କଲରା ମଞ୍ଜିରେ ପଲିପେପ୍ଟାଇଡ ପି ନାମକ ପ୍ଲାଣ୍ଟ ଇନସୁଲିନ୍ ଥାଏ । ଏହି ଇନସୁଲିନ ଠିକ୍ ସେହିଭଳି କାମ କରେ, ଯେପରି ଅଗ୍ନାଶୟରୁ



ବାହାରୁଥିବା ଇନସୁଲିନ୍ ରକ୍ତରେ ଶର୍କରା ସ୍ତରକୁ କମ୍ କରିଥାଏ । କଲରା ଜୁସ୍‌କୁ ଖାଲି ପେଟରେ ପିଇବା ଉଚିତ୍ । କଲରା ଜୁସର କଡ଼ାପଣ କମ୍ କରିବାକୁ ଟୁକୁଡା କାଟି ତାକୁ ହଳଦୀ ଏବଂ ଲୁଣ ପାଣିରେ ପନ୍ଦର ମିନିଟ୍ ଭିଜାଇ ରଖିପାରିବେ । ପରେ ଏଥିରେ ଲେମ୍ବୁ ମିଶାଇ ଜୁସ୍ ତିଆରି କରି ପିଅନ୍ତୁ । ଏହା ସ୍ୱାଦ ପରିବର୍ତ୍ତନ କରିବା ସାଙ୍ଗକୁ ସ୍ୱାସ୍ଥ୍ୟକୁ ଆରାମ ଦେଇଥାଏ ।

## ଫୁସ୍‌ଫୁସ୍ କର୍କଟର ପ୍ରତିରୋଧୀ ଲଙ୍କା

ଲଙ୍କାର କାପସାସିନ୍ ଉପାଦାନ ଫୁସଫୁସ୍ କର୍କଟ ପ୍ରତିରୋଧୀ । ଏହି ରାସାୟନିକ ଉପାଦାନ ଯୋଗୁଁ ଲଙ୍କାର ସ୍ୱାଦ ରାଗୁଆ ଏବଂ ତାହା ଫୁସଫୁସ୍ କର୍କଟରୁ ସୁରକ୍ଷା ଦେଉଥିବା 'ଆମେରିକାନ୍ କ୍ୟାନସର୍ ସୋସାଇଟି'ର ଗବେଷକ ବିଶେଷଜ୍ଞଙ୍କ ନୂଆ ଅଧ୍ୟୟନରୁ ଏହା ଜଣାପଡିଛି । ସୋସାଇଟିର ସୂଚନା ଅନୁସାରେ, ଏବେ ଫୁସ୍‌ଫୁସ୍ କର୍କଟରେ ସ୍ଥିତି ଅତି ଉଦବେଗଜନକ । ରୋଗୀ ସଂଖ୍ୟା



କ୍ରମାଗତ ବଢୁଛି । ୨୦୧୯ ରେ ୨୨୮, ୧୫୦ ଜଣ ଫୁସ୍‌ଫୁସ୍ କର୍କଟରେ ଆକ୍ରାନ୍ତ ହେବା ସହିତ ତନ୍ମଧ୍ୟରୁ ୧୪୨, ୬୭୦ ଜଣଙ୍କ ମୃତ୍ୟୁ ଘଟିବା ବାବଦରେ ଏହି ସଂଖ୍ୟା ସଂସ୍ଥା ଆଗୁଆ ଆକଳନ କରିଛି ।

## ଆମ୍ବର ଉପକାରିତା

ରସାଳ ଏବଂ ସ୍ୱାଦିଷ୍ଟ ଆମ୍ବ ପ୍ରାୟ ସମସ୍ତଙ୍କ ଏକ ପ୍ରିୟ ଫଳ । କେବଳ ପାଚିଲା ଆମ୍ବ ନୁହେଁ, କଞ୍ଚା ଆମ୍ବର ବି ଯଥେଷ୍ଟ ଆଦର ରହିଛି । ଏହାର ଔଷଧୀୟ ଗୁଣ ବି ଅନନ୍ୟ । ଏହାର ପତ୍ର, ଫଳ, ବଉଳ- ସବୁକିଛି ସ୍ୱାସ୍ଥ୍ୟ ପାଇଁ ଉପଯୋଗୀ । ଆମ୍ବରେ ଫ୍ୟାଟ୍, କୋଲେଷ୍ଟରଲ୍ ଏବଂ ସୋଡିୟମ୍ ମାତ୍ରା ଯଥେଷ୍ଟ କମ୍ ଥାଏ ତେବେ ଏହା ଫାଇବର ସମେତ ଭିଟାମିନ୍ - 'ଏ', 'ବି', ଏବଂ 'ସି'ରେ ଭରପୁର । ଉତ୍ତମ ସ୍ୱାସ୍ଥ୍ୟ ଲାଭ ପାଇଁ ଆମ୍ବ ଖାଇବା ଦରକାର । ପତଳା ଲୋକମାନେ ଓଜନ ବଢ଼ାଇବା ପାଇଁ ଆମ୍ବ ଖାଇ ପାରିବେ । ଏଥିରେ ପଟାସିୟମ୍, ମ୍ୟାଗ୍ନେସିୟମ୍ ପରି ଖଣିଜ ଲବଣ ପ୍ରଚୁର ମାତ୍ରାରେ ରହିଛି । କେବଳ ସେତିକି ନୁହେଁ ଏଥିରେ ରହିଛି ବିଟାକେରୋଟିନ୍, କ୍ୱାରସିଟିନ୍ ପରି ଆଉ କିଛି ତତ୍ତ୍ୱ । ହୃଦୟ ସମ୍ବନ୍ଧୀୟ ରୋଗ, ଅକାଳ ବାର୍ଦ୍ଧକ୍ୟ ପରି ସମସ୍ୟାକୁ



ଦୂରେଇ ରଖେ ଆମ୍ବ । ତେବେ କେତେକ ରୋଗୀ ଆମ୍ବ ଖାଇବା ଉଚିତ ନୁହେଁ । ଶ୍ୱାସ, କାଶ, ଅର୍ଶ, ବହୁମୂତ୍ର ରୋଗରେ ପୀଡିତ ବ୍ୟକ୍ତି ଏହି ଫଳଠାରୁ ଦୂରେଇ ରହନ୍ତୁ ।

ଉଚ୍ଚ ରକ୍ତଚାପ ରୋଗୀଙ୍କ ପାଇଁ ଆମ୍ବ ଏକ ପ୍ରାକୃତିକ ଉପଚାର । ଏଥିରେ ପଟାସିୟମ୍ ଏବଂ ମ୍ୟାଗ୍ନେସିୟମ୍ ପ୍ରଚୁର ମାତ୍ରାରେ ରହିଛି । ରକ୍ତଚାପ ନିୟନ୍ତ୍ରଣରେ ଏହା ସହାୟକ ହୋଇଥାଏ ।

ଏଥିରେ ଥିବା ଫାଇବର୍, ପେକ୍ଟିନ୍ ରକ୍ତରେ କୋଲେଷ୍ଟରଲ୍‌ର ମାତ୍ରାକୁ ହ୍ରାସ କରିଥାଏ । ଏହା ଗ୍ରନ୍ଥିରେ ହେଉଥିବା କର୍କଟର ପ୍ରତିରୋଧୀ ଭାବେ କାର୍ଯ୍ୟ କରେ ।

ଓଜନ ବଢ଼ାଇବା ପାଇଁ ଆମ୍ବ ଖାଇ ପାରନ୍ତି । ଅଗ୍ନିମାନ୍ଦ୍ୟ ଏବଂ ଅମ୍ଳରୋଗର ସମସ୍ୟା ମଧ୍ୟ ଦୂର କରେ ଆମ୍ବ । ଏଥିରେ ଉପଲବ୍ଧ ଏନ୍‌ଜାଇମ୍ ଖାଦ୍ୟକୁ ହଜମ କରାଇବାରେ ସହାୟକ ହୋଇଥାଏ ।

ମୁଣ୍ଡରୁ କେଶ ଉପୁଡି ଯାଉଥିଲେ ପ୍ରତିଦିନ ଆମ୍ବପତ୍ର ବାଟି ଲଗାଇବା ଦ୍ୱାରା କେଶ ଝଡିବା ବନ୍ଦ ହୁଏ । ତେବେ ଲଗାଇଥିବା ଆମ୍ବପତ୍ର ଶୁଖିବା ଯାଏଁ କେଶକୁ ଧୁଅନ୍ତୁ ନାହିଁ । ଏହା ଶୁଖିବା ପରେ କେଶକୁ ଧୋଇ ପାରନ୍ତି କିମ୍ବା ପାଣିଆରେ କୁଣ୍ଡାଇ ସଫା କରିପାରନ୍ତି ।

ନାଳକକ୍ଷ ଝାଡା ହେଉଥିଲେ ଆମ୍ବ ପତ୍ରର ରସ ଦୁଇରୁ ଚାରି ଚାମଚ ପ୍ରତିଦିନ ସେବନ କଲେ ରୋଗ ଭଲହୁଏ ।

ମୁହଁରେ ବ୍ରଣ ଉଠୁଥିଲେ କିମ୍ବା ତ୍ୱଚାର ଛିଦ୍ର ବନ୍ଦ ହୋଇ ଯାଇଥିଲେ ଆମ୍ବର ରସକୁ ତ୍ୱଚାରେ ଲଗାନ୍ତୁ ଏବଂ ଦଶ ମିନିଟ୍ ପରେ ଧୋଇ ଦିଅନ୍ତୁ ।

ଏହା ରକ୍ତହୀନତା ଦୂର କରେ । ଗର୍ଭବତୀ ମହିଳାଙ୍କ ପାଇଁ ଯଥେଷ୍ଟ ଆଇରନ୍ ବା ଲୌହ ଲୋଡ଼ା ପଡୁଥିବାରୁ ଆମ୍ବ ଖାଇବା ଦ୍ୱାରା ସେହି ଆବଶ୍ୟକତା ପୂରଣ ହୋଇଥାଏ ।

ଆମ୍ବ କୋଇଲି ଓ ହରିଡ଼ା ସମାନ ମାତ୍ରାରେ ନେଇ କ୍ଷୀରରେ ଘୋରି କପାଳରେ ଲେପନ କଲେ ମୁଣ୍ଡବିନ୍ଧା ଉପଶମ ହୁଏ ।

କେତେକଙ୍କର ପାଟିରୁ ଦୁର୍ଗନ୍ଧ ବାହାରିଥାଏ । ଦୁର୍ଗନ୍ଧ ଦୂର କରିବା ପାଇଁ ପାଞ୍ଚ ଛ'ଟା ଆମ୍ବପତ୍ରକୁ ସିଝାଇ କ୍ୱାଥ ପ୍ରସ୍ତୁତ କରନ୍ତୁ । ସେଥିରେ ପ୍ରତିଦିନ କୁଳୁକୁଞ୍ଚା କଲେ ମୁଖ ଦୁର୍ଗନ୍ଧ ଦୂର ହେବା ସହ ଦନ୍ତରୋଗରୁ ରକ୍ଷା ମିଳେ । ପ୍ରତିଦିନ ଦାନ୍ତ ଘଷିବା ପରେ ଆଉଥରେ ଆମ୍ବପତ୍ରରେ ଦାନ୍ତ ଘଷିଲେ ଏହା ଦାନ୍ତମାଢ଼ିକୁ ଶକ୍ତ କରିବା ସହ ଦୁର୍ଗନ୍ଧ ଦୂର କରେ ।

## ଆପଣ ଜାଣନ୍ତି କି ?

- ମାଡ଼ୋନାଙ୍କ ପୁରା ନାମ ମାଡ଼ୋନା ଲୁଇସ୍ ସିକୋନେ ।
- ଜନି ଲୋଗାନ୍ ୟୁରୋଭିଜନ୍ ସଙ୍ଗ ପ୍ରତିଯୋଗିତା ଦୁଇ ଥର ଜିତିଥିଲେ ।
- ଜନି ଲୋଗାନଙ୍କୁ ୟୁରୋପର ସ୍ୱର 'ଭଏସ୍ ଅଫ୍ ୟୁରୋପ୍' ବୋଲି କୁହାଯାଏ ।
- ୧୯୫୬ ମସିହାରୁ ଅନୁଷ୍ଠିତ ୟୁରୋଭିଜନ ସଙ୍ଗ୍ ପ୍ରତିଯୋଗିତା ହେଉଛି ଏକ ଅନ୍ତର୍ଜାତୀୟ ଟିଭି ସଙ୍ଗୀତ ପ୍ରତିଯୋଗିତା ।
- ଓଲଡଟେଷ୍ଟାମେଣ୍ଟର ପ୍ରଥମ ପୁସ୍ତକର ନାମ ହେଉଛି ଜେନେସିସ୍ ।
- ଇଂଲଣ୍ଡର ଲିଭରପୁଲ ସହରରେ ଆଡଲଫ୍ ହିଟଲର୍ ଚିତ୍ରକଳା ଶିକ୍ଷା କରିଥିଲେ ।
- ଫ୍ରାନ୍ସର ପ୍ରସିଦ୍ଧ ଇଞ୍ଜିନିୟର ଗୁସ୍ତାଭଏ ଇଫେଲ ପର୍ତ୍ତୁଗାଲ ପୋର୍ଟୋ ସହରର ଥିବା ଦୁଇଟି ବ୍ରିଜର ଡିଜାଇନ୍ କରିଥିଲେ ।
- ଆଇରିସ୍ ଲେଖକ ବ୍ରାମ୍ ଷ୍ଟୋକର ହେଉଛନ୍ତି ଡ୍ରାକୁଲାର ମୂଳ ଲେଖକ ।
- ୧୯୭୫ ମସିହାରେ ସ୍ପେନୀୟ ସହରବାର୍ସେଲୋନାରେ ଜନ୍ ମାରିଓ ମ୍ୟୁଜିୟମ୍ ଖୋଲା ଯାଇଥିଲା ।
- ମାନବସତ୍ତାର ଗୁଣବତ୍ତା ବୃଦ୍ଧି ତଥା ଅଧ୍ୟୟନକୁ ୟୁଜେନିକ୍ସ କୁହାଯାଏ ।
- ଭାରତ ପୃଥିବୀର ମାତ୍ର ୨.୪% ପ୍ରତିଶତ ସ୍ଥଳଭାଗରେ ଅବସ୍ଥିତ ।
- ଉପଗ୍ରହ ତଥ୍ୟ ଅନୁଯାୟୀ ଭାରତରେ ଥିବା ଜଙ୍ଗଲ କ୍ଷୟ ହେବାରେ ଲାଗିଛି ।

## ଫୁସ୍‌ଫୁସ୍ କ୍ୟାନସର ଦୂର କରିବ ବାଦାମ

ବାଦାମ ଖାଇବାର ଥାଏ ଅଲଗା ମଜା । ଏହା ସ୍ୱାଦିଷ୍ଟ ସାଙ୍ଗକୁ ସ୍ୱାସ୍ଥ୍ୟ ପାଇଁ ମଧ ବେଶ୍ ଉପକାରୀ । ଖୁବ୍ ଶସ୍ତାରେ ମିଳୁଥିବା ଏହି ବାଦାମରେ ଭରି ରହିଛି ଅନେକ ଗୁଣକାରୀ ତତ୍ତ୍ୱ । ନିୟମିତ ବାଦାମ ଖାଇବା ଦ୍ୱାରା କୋଷ୍ଠକାଠିନ୍ୟ ସମସ୍ୟାରୁ ଆରୋଗ୍ୟ ମିଳିଥାଏ । ଏହା ପାଚନ କ୍ରିୟାକୁ ସୁସ୍ଥ ରଖିବାରେ ସହାୟକ ହେବାସହ ଗ୍ୟାଷ୍ଟ୍ରିକ୍ ଓ ଏସିଡିଟି ଭଳି ସମସ୍ୟାରୁ ଉପଶମ ଦିଏ । ବିଶେଷଜ୍ଞଙ୍କ ମତରେ, ବାଦାମ ଦ୍ୱାରା ଫୁସ୍‌ଫୁସ୍ କ୍ୟାନସର୍ ସମ୍ଭାବନାକୁ ମଧ୍ୟ ଏଡାଇ ଦିଆଯାଇପାରେ । ନିୟମିତ ବାଦାମ ସେବନ ଦ୍ୱାରା ଫୁସଫୁସ ମଜଭୁତ ରହିଥାଏ । ତେବେ ଧ୍ୟାନ ରହେ ଯେମିତି ବାଦାମ ମଞ୍ଜି ଉପରେ ଥିବା ଲାଲ୍ ଚୋପାକୁ



ନଖାଆନ୍ତି । ବାଦାମ ଖାଇବାର ଅଧଘଣ୍ଟା ପର୍ଯ୍ୟନ୍ତ ପାଣି ପିଇବା ଅନୁଚିତ୍ । ବାଦାମରେ ପ୍ରୋଟିନ୍ ମାତ୍ରା ଅଧିକ ଥାଏ । ଏହାକୁ ଖାଇବା ଦ୍ୱାରା ଶରୀରକୁ ଅନ୍ୟ ଜରୁରୀ ପୋଷକ ତତ୍ତ୍ୱ ମଧ ମିଳିଥାଏ, ଯାହା ଶରୀରର ବିକାଶ ପାଇଁ ଜରୁରୀ । ବାଦାମ କୋଲେଷ୍ଟ୍ରୋରଲ ମାତ୍ରାକୁ ନିୟନ୍ତ୍ରିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ । ସପ୍ତାହରେ ପାଞ୍ଚ ଦିନ ବାଦାମର କିଛି ମଞ୍ଜି ଖାଇବା ଦ୍ୱାରା ହୃଦଜନିତ ସମସ୍ୟାରୁ ରକ୍ଷାମିଳେ ।

## ଲାଭଦାୟକ ସାରୁ ପତ୍ର

ସାରୁ ପତ୍ରରେ ତିଆରି ପକୁଡି ଏବଂ ତରକାରୀ ଅନେକ ଲୋକଙ୍କୁ ପସନ୍ଦ । ଏହା ନା କେବଳ ସ୍ୱାଦିଷ୍ଟ ବରଂ ପୌଷ୍ଟିକ ମଧ । ସାରୁ ପତ୍ର ଔଷଧୀୟ ଗୁଣରେ ଭରପୂର ଥିବା କଥା ବିଶ୍ୱାସ କରାଯାଏ । ଏଥିରେ ଭିଟାମିନ୍ ଏ, ବି, ସି, କ୍ୟାଲସିୟମ, ପଟାସିୟମ ଏବଂ ଆଣ୍ଟିଅକ୍ସିଡାଣ୍ଟ ପ୍ରଚୁର ମାତ୍ରାରେ ଥାଏ, ଯାହା ଶରୀର ପାଇଁ ବେଶ୍ ଲାଭଦାୟକ । ଏହାର ସେବନ ଦ୍ୱାରା ଆପଣ ଶରୀରକୁ ବିଭିନ୍ନ ପ୍ରକାର ସମସ୍ୟାରୁ ଦୂରେଇ ରଖିପାରିବେ । ଯଦି ପେଟ ସହ ଜଡିତ କୌଣସି ରୋଗରେ ପୀଡିତ ଅଛନ୍ତି, ତେବେ ସାରୁ ପତ୍ର ସେବନ ଦ୍ୱାରା ଉପଶମ ମିଳିବ । ସାରୁ



ପତ୍ରରେ ଭିଟାମିନ୍ 'ଏ' ପ୍ରଚୁର ମାତ୍ରାରେ ଥିବାରୁ ଏହା ଆଖି ପାଇଁ ବେଶ୍ ଭଲ । ଦୃଷ୍ଟିଶକ୍ତି ତୀକ୍ଷ୍ଣ ରଖିବା ସହ ଏହା ଆଖିର ମାଂସପେଶୀକୁ ମଜଭୁତ କରିଥାଏ । କେବଳ ସେତିକି ନୁହେଁ, ରକ୍ତଚାପ, ଆଣ୍ଠୁଗଣ୍ଠି ଯନ୍ତ୍ରଣା, ଓଜନ ନିୟନ୍ତ୍ରଣ ଆଦି ପାଇଁ ମଧ ଏହା ବେଶ୍ ଉପଯୋଗରେ ଆସିଥାଏ । ସାରୁ ପତ୍ରରେ ମହଜୁଦ ଫାଇବର ମେଟାବଲିଜିମ୍‌କୁ ସକ୍ରିୟ କରିଥାଏ, ଯଦ୍ୱାରା ଓଜନ ଅନେକ ମାତ୍ରାରେ ନିୟନ୍ତ୍ରଣରେ ରହିଥାଏ ।

## ତେଜପତ୍ରର ଘରୋଇ ଉପଚାର

ତେଜପତ୍ର ସମସ୍ତଙ୍କ ରୋଷେଇ ଘରେ ନିଶ୍ଚୟ ଥିବ । ଏହାର ଔଷଧୀୟ ଗୁଣ ବିଷୟରେ ପ୍ରାୟ ସମସ୍ତେ ଅବଗତ । ବହୁ ଲୋକ ଏହାକୁ ଘରୋଇ ଉପଚାର ପାଇଁ ବ୍ୟବହାର କରିଥାନ୍ତି । ଏଥିରେ ଯଥେଷ୍ଟ ମାତ୍ରାରେ ରୋଗ ପ୍ରତିରୋଧକ ଶକ୍ତି ରହିଛି । ଯାହା କଫ ଜନିତ ସମସ୍ୟାକୁ ଦୂର କରିଥାଏ । ପେଟ ରୋଗ ଓ ଅର୍ଶ ପରି ରୋଗର ପ୍ରୟୋଗ କରାଯାଇଥାଏ ।



ତେଜପତ୍ରକୁ ପାଣିରେ ସିଝାଇ ଥଣ୍ଡା କରି ସଫା କପଡ଼ାରେ ଛାଣି ପିଇବା ଦ୍ୱାରା ପେଟଫମ୍ପା ରୋଗ ଭଲ ହୋଇଥାଏ ।

ଯଦି ବାରମ୍ବାର ହାକୁଡି ହେଉଥାଏ, ତେବେ ତେଜପତ୍ର ଚୂର୍ଣ୍ଣ ଖାଇଲେ ମୁକ୍ତି ମିଳିପାରିବ । ପିଲାଙ୍କୁ କାଶ ହେଉଥିଲେ, ତେଜପତ୍ର ଚୂର୍ଣ୍ଣ ସହ ପିପ୍ପଳୀ ଚୂର୍ଣ୍ଣ ମିଶାଇ ଖୁଆଇଲେ କାଶରୁ ଉପଶମ ମିଳିବ ।

ତେଜପତ୍ର ଚୂର୍ଣ୍ଣ ଖାଇଲେ ଅରୁଚି ଦୂର ହୋଇଥାଏ ।

## ସ୍ୱାସ୍ଥ୍ୟ ଉପଯୋଗୀ ଟମାଟୋ

ଲାଲ୍ ଟମାଟୋ ଆଖିକୁ ସୁନ୍ଦର ଦେଖାଯିବା ସହ ପାଟିକୁ ମଧ ବେଶ୍ ସ୍ୱାଦିଆ ଲାଗିଥାଏ । ଟମାଟୋରେ ଅନେକ ପୌଷ୍ଟିକ ଗୁଣ ମଧ ରହିଛି । ଶରୀର ପାଇଁ ଟମାଟୋ ବେଶ୍ ଲାଭଦାୟକ ହୋଇଥାଏ । ଏହାଦ୍ୱାରା ଅନେକ ରୋଗ ଭଲ ହୋଇଥାଏ । ଏଥିରେ କ୍ୟାଲସିୟମ୍, ଫସଫରସ ଓ ଭିଟାମିନ୍ 'ସି' ଅଧିକ ପରିମାଣର ଥାଏ । ପ୍ରୋଟିନ୍ ଓ ଫ୍ୟାଟ୍ ମାତ୍ରାଧିକ ନ ଥାଏ । ପ୍ରୋଷ୍ଟେଟ କ୍ୟାନ୍ସର ଓ ହୃଦଘାତକୁ ଦୂରେଇ ଦିଏ ଟମାଟୋ । ପୌଷ୍ଟିକ ତତ୍ତ୍ୱରେ ଭରପୁର ଟମାଟୋକୁ ସବୁ ଋତୁରେ ଖାଇବା ଲାଭଦାୟକ ହୋଇଥାଏ । ସାଲାଡ୍ ହେଉକି ତରକାରୀ ଯେଉଁଥିରେ ବି ଟମାଟୋ ପକାଇଲେ ଏହା ଶରୀରକୁ ପୌଷ୍ଟିକ ତତ୍ତ୍ୱ ଯୋଗାଇଥାଏ ।



## କହିପାରିବେ କି ?

(୧) କେଉଁ ଜୀବର ମୁଣ୍ଡ କଟିଲେ ବି ଜୀବିତ ରହେ ?
(୨) ଚିଙ୍ଗୁଡ଼ିର ହୃତ୍‌ପିଣ୍ଡ କେଉଁଠାରେ ଥାଏ ?
(୩) କେଉଁ ଜୀବ ସର୍ବଦା ଗୋଟିଏ ଆଖି ବନ୍ଦକରି ଶୋଇଥାଏ ?
(୪) କେଉଁ ଜୀବର ମସ୍ତିଷ୍କ ନାହିଁ ?
(୫) ବଂଶ ବିସ୍ତାର କରିବାରେ କେଉଁ ଜୀବ ସବୁଠୁ ଆଗରେ ?
(୬) କାହାର ବିଷ ଶରୀରରେ ପ୍ରବେଶ କରିବା ମାତ୍ରେ ଜୀବନ ଚାଲିଯାଏ ?
(୭) ହରିପ୍ରସାଦ ଚୌରାସିଆ କେଉଁଥି ପାଇଁ ପ୍ରସିଦ୍ଧ ?
(୮) ହିନ୍ଦୀ ସିନେମା 'ମୃଗୟା'ର କାହାଣୀ ର ଲେଖକ କିଏ ?
(୯) 'ବୈଷ୍ଣବ ଜନତୋ କେନ କହିୟେ' ଗୀତର ରଚୟିତା କିଏ ?
(୧୦) ପାକିସ୍ଥାନ ଶବ୍ଦର ସୃଷ୍ଟିକର୍ତ୍ତା କିଏ ?

### JUMBLE WORDS

| | | | |
|---|---|---|---|
| 1) DLREE | = | 6) SFYIH | = |
| 2) RNTOS | = | 7) NRCYAA | = |
| 3) GAGEEN | = | 8) KAEWAN | = |
| 4) GHLAEG | = | 9) NYAFC | = |
| 5) TDHIC | = | 10) SAYET | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧.ଶନି, ୨.ଭୁଲ୍, ୩.ଫିଲାମେଣ୍ଟ, ୪.ମେଘର ବିଭିନ୍ନ ପ୍ରକାର, ୫.ଭାରତ , ୬.ଇଣ୍ଡୋନେସିଆ, ୭.ଆରବ ମହାସାଗର, ୮.୧୦ ଡିଗ୍ରୀ ଚ୍ୟାନେଲ, ୯. ଦାମୋଦର ନଦୀ, ୧୦. ଲୁ' ।

***Jumble Words* ର ଉତ୍ତର :-**

(1) AORTA (2) WHIRL (3) ELEVEN (4) FONDLY (5) ESSAY
(6) FLULD (7) INFLUX (8) HIDDEN (9) EAGLE (10) JOKER

# ଟିପିଡବ୍ଲ୍ୟୁଡିଏଲ୍ ତରଫରୁ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ବିଦ୍ୟୁତ୍ ଗ୍ରାହକ ସେବା କେନ୍ଦ୍ର ଓ କାର୍ଯ୍ୟାଳୟର ନବୀକରଣ

ବୁର୍ଲା : ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଡିଭିଜନ, ସବ-ଡିଭିଜନ, ସବଷ୍ଟେସନ ଅଫିସ ଗୁଡିକର ପୁନରୁଦ୍ଧାର ତଥା ନୂତନ କାର୍ଯ୍ୟାଳୟ ନିର୍ମାଣ, ପୁରୁଣା-ଟ୍ରାନ୍ସଫର୍ମର ପରିବର୍ତ୍ତନ, ନୂଆ ଏବଂ ପୁରୁଣା ଟ୍ରାନ୍ସଫର୍ମର ଚାରିପଟେ ବାଡ଼ ଘେରାଇବା, ଟ୍ରାନ୍ସଫରମର ଗୁଡ଼ିକର ଅପଗ୍ରେଡସନ୍ ଏବଂ ଗ୍ରାହକ ସେବା କେନ୍ଦ୍ର ନିର୍ମାଣ କରିବା ଭଳି ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛି ବୋଲି କମ୍ପାନୀ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି କୁହାଯାଇଛି । ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି ଯେ, ବିଦ୍ୟୁତ୍ କାର୍ଯ୍ୟାଳୟ ଗୃହ ନିର୍ମାଣ ଓ ରୂପାନ୍ତରଣ ବ୍ୟତୀତ ବିଦ୍ୟୁତ୍ ଜନିତ ଦୁର୍ଘଟଣା ଲାଗି ଜନସାଧାରଣ ଏବଂ ଜୀବଜନ୍ତୁଙ୍କ ସୁରକ୍ଷାକୁ କମ୍ପାନୀ ପ୍ରାଥମିକ ଭାବେ ଗୁରୁତ୍ୱ ଦେଇଆସିଛି । ଏହି ଧାରାରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରେ ଅସୁରକ୍ଷିତ ଭାବେ ରହିଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ଚାରିପଟେ କମ୍ପାନୀ ତରଫରୁ ବାଡ଼ ଘେରାଇବା ପ୍ରକ୍ରିୟା ଜାରି ରହିଛି । ଚଳିତ ୨୦୨୩-୨୪ ଆର୍ଥିକ ବର୍ଷରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରେ ରହିଥିବା ୨୩୩ ଟି ବିଦ୍ୟୁତ୍ ଟ୍ରାନ୍ସଫର୍ମର ଚାରିପଟେ ବାଡ଼ ଘେରାଇବା କାର୍ଯ୍ୟ ଶେଷ ହୋଇଥିବା ବେଳେ ଆଉ ୫୦ ଟି ବିଦ୍ୟୁତ୍ ଟ୍ରାନ୍ସଫର୍ମର ଚାରିପଟେ ବାଡ଼ ଘେରାଇବା କାର୍ଯ୍ୟ ଚାଲୁ ରହିଛି । ଯାହାକୁ ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା କମ୍ପାନୀ ସମାପ୍ତ କରିବା ଲକ୍ଷ୍ୟ ରଖିଛି । ସେହିପରି ଏଯାବତ୍ ଟିପିଡବ୍ଲ୍ୟୁଡ଼ିଏଲ୍ ତରଫରୁ ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରେ ୧୪୫୦ ଗୋଟି ଟ୍ରାନ୍ସଫରମ ଚାରିପଟେ ଚାରିପଟେ ବାଡ଼ ଘେରା ହୋଇଛି । ଏହି କାର୍ଯ୍ୟକ୍ରମ ଅନୁଯାଇ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଟିପିଡବ୍ଲ୍ୟୁଡ଼ିଏଲ୍ ତରଫରୁ ଚଳିତ ଆର୍ଥିକ ବର୍ଷରେ ଚାରୋଟି ଡିଭିଜନ୍ ଅଫିସର ନିର୍ମାଣ ଓ ପୁନରୁଦ୍ଧାର ଶେଷ ହୋଇଥିବାବେଳେ ୫ ଗୋଟି ଡିଭିଜନ ଅଫିସର ପୁନରୁଦ୍ଧାର କାର୍ଯ୍ୟ ଜାରି ରହିଛି । ସେହିପରି ୫ ଗୋଟି ସବ୍ ଡିଭିଜନ୍ ଅଫିସର ପୁନରୁଦ୍ଧାର ଶେଷ ହୋଇଥିବା ବେଳେ ୫ ଗୋଟି ଅଫିସ୍ ପୁନରୁଦ୍ଧାର କାର୍ଯ୍ୟ ଜାରି ରହିଛି । ୨୪ ଗୋଟି ସେକ୍ସନ ଅଫିସର ପୁନରୁଦ୍ଧାର କାର୍ଯ୍ୟ ଶେଷ ହୋଇଥିବା ବେଳେ ୨୪ ଗୋଟି ଅଫିସର ପୁନରୁଦ୍ଧାର କାର୍ଯ୍ୟ ଜାରି ରହିଛି । ଚଳିତ ବର୍ଷରେ କମ୍ପାନୀ ତରଫରୁ ୨ ଗୋଟି ନୂଆ ମଣ୍ଡଳ କାର୍ଯ୍ୟାଳୟ ନିର୍ମାଣ ଚାଲିଛି । ଯାହା ଖୁବଶୀଘ୍ର ଶେଷ ହୋଇ କାର୍ଯ୍ୟକ୍ଷମ ହେବା ସହ ସମସ୍ତ ବିଦ୍ୟୁତ୍ ଉପଭୋକ୍ତାଙ୍କା ସେବାରେ ସମର୍ପିତ ହୋଇପାରିବ ବୋଲି କମ୍ପାନୀ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି ।

ତେବେ କାର୍ଯ୍ୟଳୟ ଗୁଡ଼ିକର ନିର୍ମାଣ ଓ ପୁନରୁଦ୍ଧାର କରିବା ସହ କାର୍ଯ୍ୟଳୟମାନଙ୍କରରେ ପାନୀୟ ଜଳର ବ୍ୟବସ୍ଥା ତଥା ଶୌଚାଳୟ ନିର୍ମାଣ କରାଯାଇଛି । ଚଳିତ ଆର୍ଥିକ ବର୍ଷରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ବିଦ୍ୟୁତ୍ କାର୍ଯ୍ୟାଳୟରେ ୮୩ଟି ଶୌଚାଳୟର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବା ବେଳେ ୪୧ଟି କାର୍ଯ୍ୟାଳୟରେ ଶୌଚାଳୟ ନିର୍ମାଣଧନ ରହିଛି । ଅନ୍ୟପଟେ ବିଦ୍ୟୁତ ଉପଭୋକ୍ତାଙ୍କ ସୁବିଧା ଦୃଷ୍ଟିରୁ ଟିପିଡବ୍ଲ୍ୟୁଡ଼ିଏଲ୍ ତରଫରୁ ଚଳିତ ଆର୍ଥିକ ବର୍ଷରେ ଦୁଇଟି ଗ୍ରାହକ ସେବା କେନ୍ଦ୍ରର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବା ବେଳେ ଅନ୍ୟ ଦୁଇଟି ଗ୍ରାହକ ସେବା କେନ୍ଦ୍ରର ନିର୍ମାଣ କାର୍ଯ୍ୟ ଜାରି ରହିଛି । ଯାହାକୁ କମ୍ପାନୀ ଖୁବଶୀଘ୍ର ଶେଷ କରିବାକୁ ଲକ୍ଷ୍ୟ ରଖିଛି । କମ୍ପାନୀ ତରଫରୁ ଗତ ତିନି ବର୍ଷ ମଧ୍ୟରେ ମୋଟ୍ ୧୩ ଟି ଗ୍ରାହକ ସେବା କେନ୍ଦ୍ର ନିର୍ମାଣ କରାଯାଇ କାର୍ଯ୍ୟକ୍ଷମ କରାଯାଇଛି । ଏହି କାର୍ଯ୍ୟକଳାପ ଦ୍ୱାରା କର୍ମଚାରୀମାନେ ଅତ୍ୟାଧିକ ସୁବିଧା ପାଇବା ସହିତ ପଶ୍ଚିମ ଓଡ଼ିଶାର ସମସ୍ତ ବିଦ୍ୟୁତ୍ ଗ୍ରାହକଙ୍କୁ ଗୁଣାତ୍ମକ ବିଦ୍ୟୁତ୍ ସେବା ଯୋଗାଇବାରେ ସହାୟକ ହୋଇପାରିଛି ବୋଲି ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି ।

# ସମ୍ବଲପୁରରେ ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ସମ୍ବଲପୁର : ସମ୍ବଲପୁର ଜିଲ୍ଲା ସ୍ତରୀୟ ୭୫ ତମ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ ସାହୁ ଅଧକ୍ଷତା କରିବା ସହ ଏହି ଜାତୀୟ ଦିବସକୁ ଆନନ୍ଦ ଓ ଉଲ୍ଲାସର ସହ ପାଳନ କରିବାକୁ ଆହ୍ୱାନ ଦେଇଥିଲେ । ଏସ.ଏମ.ସି କମିଶନର ବେଦଭୂଷଣ ପ୍ରତ୍ୟକ ବିଭାଗ ସେମାନଙ୍କ ଦାୟିତ୍ୱ ସୂଚାରୁରୂପେ ନିର୍ବାହ ପାଇଁ ପରାମର୍ଶ ଦେଇଥିଲେ । ପରେ ବିସ୍ତୃତ ଆଲୋଚନା ପରେ ପୂର୍ବ ବର୍ଷ ପରି ଏବର୍ଷ ମଧ ନେଲସନ ମାଣ୍ଡେଲା ସ୍ଥିତ ରାଜରାସ୍ତା ଠାରେ ୨୬ ଜାନୁଆରୀର ସାଧାରଣତନ୍ତ୍ର ଦିବସର ମୁଖ୍ୟ ଅତିଥି ପୂର୍ବାହ୍ନ ୮.୩୦ ମିନିଟ ସମୟରେ ଜାତୀୟ ପତାକା ଉତ୍ତୋଳନ କରିବା ସହ ପ୍ୟାରେଡରେ ଅଭିବାଦନ ଗ୍ରହଣ ଓ ଉଦ୍‌ବୋଧନ ଦେବେ ବୋଲି ସ୍ଥିର ହୋଇଥିଲା । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ, ପୁରସ୍କାର ବିତରଣ, ପ୍ରଜ୍ଞାପନ ମେଢ ପ୍ରଦର୍ଶନ କରାଯିବ । ମୁଖ୍ୟ ଅତିଥି ସମ୍ବଲପୁର ମଣ୍ଡଳ କାରାଗାର, ନାରୀବନ୍ଧୀ ନିକେତନ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଦୁର୍ଗାପାଲି ସ୍ଥିତ ଦୟାମଣି ବୃଦ୍ଧାଶ୍ରମ ଅନ୍ତେବାସୀ ମାନଙ୍କୁ ମିଷ୍ଟାନ୍ନ ଓ ଫଳ ବଣ୍ଟନ, ଓଡିଶା ସାଂସ୍କୃତିକ ସମାଜ ସଭାଗୃହରେ ଉତ୍ସର୍ଗ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆନୁକୁଲ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ଯୋଗ ଦେବେ । ପ୍ରଶାସନ ଏକାଦଶ ଓ ନାଗରିକ ଏକାଦଶ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହେବ । ସେହି ଦିନ ପ୍ରତ୍ୟୁଷ ୫.୦୦ ମିନିଟ ସମୟରେ ସହର ମଧ୍ୟରେ ଡାକବାଜି ଯନ୍ତ୍ର ମାଧ୍ୟମରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ରାମଧୂନ ପରିବେଷଣ କରାଯିବ । ଶିକ୍ଷାନୁଷ୍ଠାନର ଛାତ୍ର ଛାତ୍ରୀ ମାନେ ଦେଶାତ୍ମକ ବୋଧକ ସଙ୍ଗୀତ ଗାନ ଏବଂ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ସ୍ଲୋଗାନ ଦେଇ ପ୍ରଭାତଫେରୀ ଶେଷ କରି ପ୍ୟାରେଡ଼ ପଡିଆରେ ସକାଳ ୭.୪୫ ମିନିଟ ସୁଦ୍ଧା ପହଞ୍ଚିବେ । ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ସ୍କୁଲ ଓ କଲେଜ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗୀତା କରାଯାଇ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ମୁଖ ଅତିଥିଙ୍କ ଦ୍ୱାରା ସାଧାରଣତନ୍ତ୍ର ଦିବସ ଉତ୍ସବରେ ପୁରସ୍କୃତ କରାଯିବ । ସହରର ବିଭିନ୍ନ ସ୍ଥାନରେ ବରପୁତ୍ର ମାନଙ୍କର ପ୍ରତି ମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ । ଅଭ୍ୟାସ ପ୍ୟାରେଡ଼ ଚଳିତ ମାସ ୨୧,୨୨,ଏବଂ ୨୪ ତାରିଖ ଅପରାହ୍ନ ୩.୦୦ ରେ ନେଲସନ ମାଣ୍ଡେଲା ଛକ ନିକଟସ୍ଥ ରାଜ ରାସ୍ତା ଠାରେ ଅନୁଷ୍ଠିତ ହେବ । ପ୍ୟାରେଡ଼ ପଡିଆ ସାଜସଜ୍ଜା, ବ୍ୟରିକେଡ ନିର୍ମାଣ, ଶାନ୍ତିଶୃଙ୍ଖଳା ରକ୍ଷା, ପାନୀୟ ଜଳ ଯୋଗାଣ, ପରିଷ୍କାର ପରିଚ୍ଛନ୍ନତା, ଅସ୍ଥାୟୀ ସ୍ଥାୟୀ ଶିବିର ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯାଇ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଥିଲା । ପ୍ରତ୍ୟେକ ବିଭାଗ ସେମାନଙ୍କର କାର୍ଯ୍ୟଳୟକୁ ଆଲୋକ ମାଳରେ ସଜ୍ଜିତ କରିବାକୁ ପରାମର୍ଶ ଦେଇଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସଞ୍ଜୁକ୍ତା କୁଲୁ ପ୍ରାରମ୍ଭରେ ସମସ୍ତଙ୍କୁ ସ୍ୱାଗତ ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ସୁବର୍ଣ୍ଣପୁର ଜିଲ୍ଲା ଏବେବି ଅବହେଳିତ

ସୋନପୁର : ସୁବର୍ଣ୍ଣପୁର ଜିଲ୍ଲା ଗଠନ ହେବାର ୩୦ ବର୍ଷ ପରେ ବି ଭିତିଭୂମିର ବିକାଶ ହେଉ ନ ଥିବାରୁ ଉନ୍ନୟନ କାର୍ଯ୍ୟ ହୋଇ ପାରୁନାହିଁ । ଏବେ ବି ଏହି ଜିଲ୍ଲା ଅବହେଳିତ ହୋଇ ରହିଛି । ନୂତନ ଜିଲ୍ଲା ପ୍ରତିଷ୍ଠା ହେଲା ପରେ ବହୁ ଦକ୍ଷ ପ୍ରଶାସକ ଜିଲ୍ଲା ପ୍ରଶାସନିକ ଅଧିକାରୀ ଭୌଗୋଳିକ ସ୍ଥିତି, ସଂସ୍କୃତି, ସାମାଜିକ ଚଳଣିଙ୍କୁ ନେଇ ଅର୍ଥନୈତିକ ବିକାଶ ପାଇଁ ରୋଡମ୍ୟାପ ସରକାରଙ୍କୁ ଦେଇ ପାରି ନ ଥିବାରୁ ଜିଲ୍ଲାବାସୀ ଚାହୁଁଥିବା ବିକାଶ ଦେଖି ପାରିଲେ ନାହିଁ ।

୧୯୯୩ ମସିହା ଏପ୍ରିଲ ୧ ତାରିଖରେ ତତ୍‌କାଳୀନ ବଲାଙ୍ଗୀର ଜିଲ୍ଲାର ସୋନପୁର ସବ୍ ଡିଭିଜନ ସୁବର୍ଣ୍ଣପୁର ଭାବରେ ଜିଲ୍ଲା ଘୋଷଣା ହୋଇଥିଲା । ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ମହିଳା ମହାବିଦ୍ୟାଳୟ ଉଦ୍‌ଘାଟନ ଏବଂ ମହାନଦୀ ସେତୁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଜିଲ୍ଲାର ଅର୍ଥନୈତିକ ଏବଂ ସାମାଜିକ ଉନ୍ନତି ଆରମ୍ଭ କଥା କୁହାଗଲା ହେଲେ ଆଶାନୁରୂପେ ବିକାଶ ହୋଇପାରି ନାହିଁ । ସୋନପୁର ଗଡ଼ଜାତର ବୈଭବଶାଳୀ ଐତିହାସିକ ରହିଥିଲା । ରାଜା ରାଜୁଡ଼ା ଅମଳରେ ଜିଲ୍ଲାବାସୀ ବହୁ ସୁବିଧା ସୁଯୋଗ ଉପଭୋଗ କରୁଥିଲେ । ସୋନପୁରର ପ୍ରସ୍ତର ଶିଳ୍ପ, ଧାତବ ଶିଳ୍ପ, କାଷ୍ଠ ଶିଳ୍ପ, ଚମଡା, ତୈଳ, ପଟ୍ଟଚିତ୍ରର ଶିଳ୍ପ ରାଜ୍ୟର ଅର୍ଥନୀତିରେ ବିଶେଷ ପ୍ରଭାବ ପକାଇଥିଲା । ଖଣ୍ଡହତାରେ ଲୁହା ଶିଳ୍ପ, ବିନିକା ଓ ତରଭାରେ ସ୍ୱର୍ଣ୍ଣ, ରୁପା ଓ କଂସା ଉଦ୍ୟୋଗ ଖୁବ ସମୃଦ୍ଧି ଲାଭ କରିଥିଲା । ସେହି ସମୟ ବୟନ ଶିଳ୍ପ ସୂକ୍ଷ୍ମ କାର୍ଯ୍ୟ ଏବେ ବିଶ୍ୱ ପରିଚିତ ହୋଇଛି । ଟେରାକୋଟା କାର୍ଯ୍ୟ ନେଇ ରାଜ୍ୟରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ଷାଠିଏ ଦଶକ ତରଭା ଅଞ୍ଚଳ ତାରକସି କାର୍ଯ୍ୟ ନେଇ ଦେଶରେ ଏକ ସ୍ୱତନ୍ତ୍ର ସ୍ଥାନ ନେଇଥିଲା । ମହାନଦୀ ମାଧ୍ୟମରେ ନୌକାରେ କଟକକୁ କୌଳିକ ବୃତ୍ତି କରିବାକୁ ସୋନପୁର ଅଞ୍ଚଳ ଲୋକ ଯାଉଥିଲେ । ଅର୍ଥନୈତିକ ମୂଳପିଣ୍ଡ କୌଳିକ ବୃତ୍ତି ରହିଥିବାରୁ ଏହି ଅଞ୍ଚଳରୁ ଲୋକେ ଦାଦନ ଶ୍ରମିକ ଭାବେ ଖଟିବାକୁ ଯାଉନଥିଲେ । ପୃଷ୍ଠପୋଷକତା ଅଭାବରୁ ଏହି କୌଳିକ ବୃତ୍ତିରୁ ଲୋକେ ଦୂରେଇ ଯାଇଛନ୍ତି । ୧୯୮୦ ମସିହାରେ ସୋନପୁର ସହରରେ ସୁତା କଳ ପ୍ରତିଷ୍ଠା ହେଲା । ଅବିଭକ୍ତ ବଲାଙ୍ଗୀର ଜିଲ୍ଲାର ସୋନପୁରରେ ପ୍ରଥମ ଶିଳ୍ପ ସୁତା କଳ ହୋଇଥିଲା । ଏହି ସୁତାକଳରେ ୧୫ ଶହ ଶ୍ରମିକ କାମ କରୁଥିଲେ । ଅନ୍ୟ ରାଜ୍ୟମାନଙ୍କରେ ସୁତା କଳ ସଠିକ ଧାରାରେ ଚାଲୁଥିଲା ବେଳେ ସୋନପୁର ସୁତା କଳ ଘରୋଇ କରଣ ହୋଇ ରୁଗ୍‌ଣ ହୋଇଗଲା । ଏବେ ଜିଲ୍ଲାରେ ପ୍ରାୟ ୭ ଲକ୍ଷ ଜନସଂଖ୍ୟା ଥିବାବେଳେ ସେଥିରୁ ୭୦ ପ୍ରତିଶତ ଚାଷୀଙ୍କ ଲାଗି ଆବଶ୍ୟକ ହେଉଥିବା ଜଳସେଚନ ଆଶାତୀତ ଭାବରେ ବଢିପାରୁ ନାହିଁ । ଅନ୍ୟପକ୍ଷରେ ଜିଲ୍ଲାରେ ଚାଷ ଆଶାନୁରୂପ ଭାବରେ ବୃଦ୍ଧି ହୋଇନାହିଁ । ସୁରୁବାଲି ଜୋର ପ୍ରକଳ୍ପ ଆରମ୍ଭ ହେଲାନାହିଁ । ଜିଲ୍ଲାରେ ଜଳ ପରି ପ୍ରାକୃତିକ ସଂପଦ ଭରପୂର ଥିଲେ ମଧ ସୁଦୃଢ ଜଳସେଚନ ବ୍ୟବସ୍ଥା ହୋଇପାରି ନାହିଁ । ରାଜ ରାଜୁଡ଼ା ସମୟରେ ଶିକ୍ଷା କ୍ଷେତ୍ର ବେଶ ପ୍ରାଧାନ୍ୟ ଦିଆଯାଉଥିଲା । ସୋନପୁର ରାଜା କଟକ ରେଭେନ୍ସା ମହାବିଦ୍ୟାଳୟରେ ଇଂରାଜୀ ଏମ.ଏ ଶିକ୍ଷା, କୋଲକାତା ବିଶ୍ୱବିଦ୍ୟାଳୟ ଓଡ଼ିଆ ଏମ.ଏ ଶିକ୍ଷା ଆରମ୍ଭ କରିଥିଲେ । ଦିଲ୍ଲୀ ମେଟରନିଟି ଡାକ୍ତରଖାନା, କୋଲକାତା ଲେଡି ଡଫିରିନ ଡାକ୍ତରଖାନା ତଥା ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ଅନେକ ଉନ୍ନତିମୂଳକ କାର୍ଯ୍ୟ ପୃଷ୍ଠପୋଷକ ଥିଲେ । ମହାରାଣୀ ୧୯୦୮ ମସିହାରେ ସୋନପୁରରେ ପ୍ରଥମ ବାଳିକା ବିଦ୍ୟାଳୟ ସ୍ଥାପନ ହୋଇଥିଲା । ତେବେ ବର୍ତ୍ତମାନ ଜିଲ୍ଲାରେ ସରକାରୀ କଲେଜ ଗୋଟିଏ ନାହିଁ । ଜିଲ୍ଲାରେ ଇଞ୍ଜିନିୟରିଂ କଲେଜ, ବିଇଡି କଲେଜ ସହ ସୈନିକ ସ୍କୁଲର ଆବଶ୍ୟକତା ରହିଛି । ଜିଲ୍ଲାର ପର୍ଯ୍ୟଟନ କ୍ଷେତ୍ର ବହୁ ଅବହେଳିତ ହୋଇ ରହିଛି । ସୁବର୍ଣ୍ଣପୁର ଜିଲ୍ଲାକୁ ହେରିଟେଜ ଜିଲ୍ଲା ଭାବରେ ଘୋଷଣା ହେବା ହକଦାର ଥିଲେ ବେଳେ ପ୍ରତାରଣା କରାଯାଉଥିବା ଅଭିଯୋଗ ହେଉଛି । କାମଧନ୍ଦା ପାଉ ନଥିବାରୁ ଏବେ ଶହ ଶହ ସଂଖ୍ୟାରେ ଶ୍ରମିକ ରାଜ୍ୟ ବାହାରକୁ କାମ କରିବାକୁ ଚାଲିଯାଉଛନ୍ତି । ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ଅନେକ ଯୋଜନା କରାଯାଉଥିବା ବେଳେ ତାହା ସଫଳ ହେଉନାହିଁ । ଖୋର୍ଦ୍ଧା ଓ ବଲାଙ୍ଗୀର ରେଳପଥ ନିର୍ମାଣ ଶେଷ ପର୍ଯ୍ୟାୟ ରହିଛି । ନୂତନ ଶିଳ୍ପ ପ୍ରତିଷ୍ଠା ପାଇଁ ଅଣଦେଖା କରାଯାଉଛି । ଦୀର୍ଘ ୫ ବର୍ଷ ହେଲା ସୋନପୁରରେ କୃଷି ବିଶ୍ୱବିଦ୍ୟାଳୟ ଦାବିକୁ ସରକାର ଆଖି ବୁଜି ଦେଇଛନ୍ତି ।

# ଜିଏମ୍‌ୟୁରେ 'ଶବ୍ଦଗଙ୍ଗା' ଲୋକାର୍ପିତ

ସମ୍ବଲପୁର : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଅନ୍‌ଲାଇନ୍ ମାସିକ ମୁଖପତ୍ର 'ଶବ୍ଦଗଙ୍ଗା'ର ୪୪ତମ ସଂଖ୍ୟା ଲୋକାର୍ପିତ ହୋଇଛି । ବିଭାଗ ମୁଖ୍ୟ ତଥା ମୁଖ୍ୟ ସମ୍ପାଦିକା ଡ. ଲକ୍ଷ୍ମୀପ୍ରିୟା ବେହେରା ପତ୍ରିକାକୁ ଉନ୍ମୋଚନ କରିଥିଲେ । ସଭାରେ ଅତିଥି କବି ଭାବେ ଅଧାପକ ଦୁର୍ଗାଶିଷ ପଟ୍ଟନାୟକ ଆଭାଷୀ ମାଧ୍ୟମରେ ଯୋଡ଼ି ହୋଇ କବିତା ଆବୃତ୍ତି କରିବା ସହ ନୂଆ କରି ଲେଖନୀ ଚାଳନା କରୁଥିବା ଯୁବ ସମାଜକୁ ଉତ୍ସାହିତ କରିଥିଲେ । ଇପ୍ସିତା ପ୍ରିୟଦର୍ଶିନୀ ବିଶ୍ୱାଳ 'ଶବ୍ଦଗଙ୍ଗା'ର ମହତ୍ତ୍ୱ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ସହଯୋଗୀ ଛାତ୍ର ସମ୍ପାଦକ ବବୁନ ଦଣ୍ଡସେନା ସ୍ୱାଗତ ଭାଷଣ ଦେଇଥିବା ବେଳେ ଛାତ୍ରୀ ତୃଷ୍ଣା ଦାଶ ଓ ସହଯୋଗୀ ଛାତ୍ର ସମ୍ପାଦିକା ବର୍ଷାରାଣୀ ନନ୍ଦ ବକ୍ତବ୍ୟ ପ୍ରଦାନ କରିଥିଲେ ।

## ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

## Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

## Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |
| Colour Advertisement | - | 100% Extra |

## ସମ୍ବଲପୁରରେ ଶ୍ରୀମଦ୍ ଭାଗବତ ସ୍ୱାଧ୍ୟାୟ ସତ୍ର





ସମ୍ବଲପୁର : ସ୍ଥାନୀୟ ଝାଡୁଆପଡ଼ା ସ୍ଥିତ ଆରଣ୍ୟକମଞ୍ଚରେ ବିଶ୍ୱାତ୍ମ ଚେତନା ପରିଷଦ ସମ୍ବଲପୁର ଶାଖା ପକ୍ଷରୁ ଶ୍ରୀମଦ୍ ଭାଗବତ ସ୍ୱାଧ୍ୟାୟ ସତ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ପରିଷଦର ଅଧକ୍ଷ ପରମହଂସ ସ୍ୱାମୀ ସତ୍ୟପ୍ରଜ୍ଞା ନନ୍ଦ ସରସ୍ୱତୀ ଶ୍ରୀମଦ୍ ଭାଗବତର ଏକାଦଶ ସ୍କନ୍ଧ ଉପରେ ପ୍ରବଚନ ଦେଇଥିଲେ । ତାଙ୍କୁ ସ୍ୱାମୀ ସତ୍ୟ ବେଦାନନ୍ଦ ସରସ୍ୱତୀ, ସତ୍ୟ ପ୍ରେମାନନ୍ଦ ସରସ୍ୱତୀ, ସମ୍ବିତ କୁମାର ଓ ସ୍ୱାତୀ ପ୍ରମୁଖ ସଂଗୀତ ଓ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ । ପରମେଶ୍ୱର ଦାଶ, ବିମଳ ପାଣ୍ଡିଆ, ଡାକ୍ତର ସୁରେନ୍ଦ୍ର ପଣ୍ଡା, ପ୍ରଧାପିକା ଶ୍ରୀଲତା ମିଶ୍ର ଓ ନଳିନୀ ବାବୁ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀଙ୍କ ସମେତ ସମ୍ବଲପୁର ତଥା ଦୁର ଦୁରାନ୍ତରରୁ ବହୁ ଭକ୍ତ ବୃନ୍ଦ ଯୋଗ ଦେଇଥିଲେ ।



## ଏନ୍ଏଲ୍ସି ପକ୍ଷରୁ କମ୍ବଳ, ମଶାରୀ ବଣ୍ଟନ







ସମ୍ବଲପୁର : ଏନ୍ଏଲ୍ସି ଇଣ୍ଡିଆ ଲିମିଟେଡ ପକ୍ଷରୁ ପତ୍ରାପାଲି ଗ୍ରାମ ପଞ୍ଚାୟତରେ ୨୫୦ ଜଣଙ୍କୁ କମ୍ବଳ, ମଶାରୀ ଏବଂ ପାଣି ବୋତଲ ବଣ୍ଟନ କରାଯାଇଛି । କମ୍ପାନିର ଡିଜିଏମ୍. ଶ୍ରୀ ନିରଜ ସିହ୍ନା ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଲୋକମାନଙ୍କୁ ଏହା ବଣ୍ଟନ କରିଥିଲେ । କମ୍ପାନୀର ଅନ୍ୟାନ୍ୟ ଅଧିକାରୀତଥାକର୍ମଚାରୀମାନେମଧଏଥିରେ ଉପସ୍ଥିତ ଥିଲେ ।

## ସମ୍ବଲପୁର ବିଶ୍ୱବିଦ୍ୟାଳୟର ୫୭ତମ ପ୍ରତିଷ୍ଠା ଦିବସ



ବୁର୍ଲା : ସମ୍ବଲପୁର ବିଶ୍ୱବିଦ୍ୟାଳୟର ୫୭ତମ ପ୍ରତିଷ୍ଠା ଦିବସ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । କୁଳପତି ପ୍ରଫେସର ବିଧୁଭୁଷଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ରାଉରକେଲା ଏନଆଇଟିର ନିର୍ଦ୍ଦେଶକ ପ୍ରଫେସର ଉମା ମହେଶ୍ୱର ରାଓ ମୁଖ୍ୟ ଅତିଥି ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ ।

ସଭାରେ ଆସାମର ବିଶିଷ୍ଟ କବି ଅନିସ ଉଜ ଜମାନଙ୍କୁ ଗଙ୍ଗାଧର ଜାତୀୟ ସମ୍ମାନ -୨୦୨୩ ପ୍ରଦାନ କରାଯାଇଥିଲା । ସମ୍ମାନ ପ୍ରଦାନ ସ୍ୱରୂପ ୧ ଲକ୍ଷ ଟଙ୍କା ନଗଦ ରାଶି ସହିତ ଉପଢୌକନ,ସ୍ମାରକୀପ୍ରଦାନକରାଯାଇଥିଲା ।ଏହି ଅବସରରେ ବିଶିଷ୍ଟ ଅଭିନେତା, ନାଟ୍ୟକାର ଏବଂ ମଞ୍ଚ ନିର୍ଦ୍ଦେଶକ ପ୍ରଦୀପ କୁମାର ପଣ୍ଡାଙ୍କୁ ସଂସ୍କୃତି କ୍ଷେତ୍ରରେ ଅବଦାନ ପାଇଁ କୁଳପତି ପ୍ରତିଭା ସମ୍ମାନ ପ୍ରଦାନ କରିଥିଲେ । ସଭାରେ ବିଶ୍ୱବିଦ୍ୟାଳୟର ସାହିତ୍ୟ ପତ୍ରିକା 'ସପ୍ତର୍ଷି'ର ନୂତନ ସଂସ୍କରଣକୁ ଅତିଥିମାନେ ଉନ୍ମୋଚନ କରିଥିଲେ । ପୂର୍ବରୁ କୁଳସଚିବ ଡକ୍ଟର ନୃପରାଜ ସାହୁ ବାର୍ଷିକ ବିବରଣୀ ପ୍ରଦାନ କରିଥିବା ବେଳେ ପିଜି କାଉନସିଲର ଅଧକ୍ଷା ପ୍ରଫେସର ସଂଯୁକ୍ତା ଦାସ ସ୍ୱାଗତ ଭାଷଣ ଦେଇଥିଲେ । ବିଶ୍ୱବିଦ୍ୟାଳୟ ପକ୍ଷରୁ ଉତ୍କର୍ଷ କ୍ରୀଡ଼ା ପ୍ରଦର୍ଶନ ପାଇଁ ହରି ବେହେରାଙ୍କୁ ହରିବନ୍ଧୁ ସାହୁ ସ୍ମାରକୀ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ଅସବରରେ ନିକଟରେ ଅବସର ଗ୍ରହଣ କରିଥିବା ବିଶ୍ୱବିଦ୍ୟାଳୟର ପ୍ରଫେସର, ଅଧିକାରୀ, କର୍ମଚାରୀଙ୍କୁ କୁଳପତି ସମ୍ମାନିତ କରିଥିଲେ ।

## ଜିଏମୟୁରେ ସ୍ୱାସ୍ଥ୍ୟ ଶିବିର




ସମ୍ବଲପୁର : ଜାତୀୟ ଯୁବ ଦିବସ ଅବସରରେ ଗଙ୍ଗାଧର ମେହେର ବିଶ୍ୱିଦ୍ୟାଳୟର ୟୁଥ୍ ରେଡ୍ କ୍ରସ୍ ଦ୍ୱାରା ଏକ ସ୍ୱାସ୍ଥ୍ୟ ଶିବିର ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି । ଜାତୀୟ ସହର ସ୍ୱାସ୍ଥ୍ୟ ମିଶନର ଭ୍ରାମ୍ୟମାଣ ଶାଖାର ସ୍ୱାସ୍ଥ୍ୟକର୍ମୀ ଏବଂ ଚିକିତ୍ସକ ଡାକ୍ତର ଚିନ୍ତାମଣି ସାହୁଙ୍କ ସହଯୋଗରେ ଶତାଧିକ ଛାତ୍ରଛାତ୍ରୀ, ଶିକ୍ଷକ, କର୍ମଚାରୀ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ । ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଶ୍ରୀମତୀ ଯୁଗଲେଶ୍ୱରୀ ଦାଶ ଶିବିରକୁ ଉଦ୍ଘାଟନ କରିଥିଲେ । ଶିବିରରେ ବିଶ୍ୱବିଦ୍ୟାଳୟର ଡେପୁଟି ରେଜିଷ୍ଟ୍ରାର ଡକ୍ଟର ଉମାଚରଣ ପତି, ପି. ଜି. କାଉନସିଲ୍ ଚେୟାରମେନ ଡକ୍ଟର ସୁଶାନ୍ତ ଦାଶ ମଧ ଉପସ୍ଥିତ ଥିଲେ ।ଏହି ଶିବିରରେ ଇଣ୍ଡିଆନ୍ ରେଡ୍ କ୍ରସ୍ ସମ୍ବଲପୁରର କାର୍ଯ୍ୟକର୍ତ୍ତା ଜୟ ଜର୍ଜ ଏବଂ ପ୍ରମିଳା ବେହେରା ମଧ ଉପସ୍ଥିତ ଥିଲେ । ଶିବିରରେ ସ୍ୱାସ୍ଥ୍ୟ ପରୀକ୍ଷା ସହ ସ୍ୱାସ୍ଥ୍ୟ ମିଶନର ନ୍ୟୁଟ୍ରିସନ ଏକ୍ସପୋର୍ଟ ସ୍ୱର୍ଣ୍ଣ ଲତା ପଣ୍ଡା ଛାତ୍ରଛାତ୍ରୀ ମାନଙ୍କୁ ପୁଷ୍ଟିକର ଖାଦ୍ୟର ଉପଯୋଗୀତା ବିଷୟରେ ମଧ ପରାମର୍ଶ ଦେଇଥିଲେ । ୟୁଥ୍ ରେଡ଼କ୍ରସ୍ ୟୁନିଟ୍ ର ପ୍ରୋଗ୍ରାମ ଅଫିସର ଡକ୍ଟର କଲ୍ୟାଣୀ ରଥ ଏବଂ ଡକ୍ଟର ପ୍ରଶାନ୍ତ ସେଠୀ ଉକ୍ତ ଶିବିରକୁ ପରିଚାଳନା କରିଥିଲେ ଏବଂ ୟୁଥ୍ ରେଡ଼କ୍ରସ୍ର ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀ ମାନେ ଏହି କାର୍ଯ୍ୟରେ ସହଯୋଗ କରିଥିଲେ ।

## ବିଭିନ୍ନ ପ୍ରକଳ୍ପର ଉଦଘାଟନ କଲେ ବିଧାୟିକା

ବରଗଡ଼ : ଭେଡେନ ବ୍ଲକ ଅନ୍ତର୍ଗତ ଲୁପୁରସିଂହା ଗ୍ରାମପଞ୍ଚାୟତ ଖାଉପାଲି ଠାରେ ଏକ ବିକାଶ ସମାବେଶ ଅନୁଷ୍ଠିତ ହୋଇଯାଉଛି । ଲୁପୁରସିଂହାର ସରପଞ୍ଚ ପ୍ରତାପ କୁମାର ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟ ଅତିଥି, ଭେଡେନ ବ୍ଲକ ଅଧକ୍ଷା ସୁପ୍ରଭା ମହାଲିଙ୍ଗ, ଉପାଧକ୍ଷ ଡୋଳାମଣି ଖେତି ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ଏ ଅବସରରେ ବିଧାୟିକା ଶ୍ରୀମତୀ ଛୁରିଆ ଲୁପୁରସିଂହାର ସ୍ଥିତ ଖାଉପାଲିର ମାଝିପଡା କ୍ଲବ, ନାଗବାଚା ମନ୍ଦିର, ଅଙ୍ଗନବାଡି ସେଣ୍ଟର, ହରିଜନ ପଡା କମ୍ୟୁନିଟି ସେଣ୍ଟର ଉଦଘାଟନ କରିଥିଲେ ।



## ଫେବୃଆରୀ ୧୧ ତାରିଖରେ 'ମହାନଦୀ ହାଫ୍ ମାରାଥନ୍' ହେବ

ସମ୍ବଲପୁର : ଫେବୃଆରି ୧୧ ତାରିଖରେ ଜିଲ୍ଲା ପ୍ରଶାସନ ପକ୍ଷରୁ 'ମହାନଦୀ ହାଫ୍ ମାରାଥନ୍' ଆୟୋଜନ କରାଯାଉଛି । ଓଡ଼ିଶା ଆଥଲେଟିକ୍ ଆସୋସିଏସନ୍ ସମ୍ମାନଜନକର ଆୟୋଜିତ ହେଉଥିବା ଏହି ମାରାଥନ୍ ରେ ଉତ୍କୃଷ୍ଟ ଆଥଲେଟିକ୍ ଏବଂ ସାମୂହିକ ବନ୍ଧୁତ୍ୱକୁ ଉତ୍ସାହିତ କରିବ ବୋଲି ଜିଲ୍ଲାପାଳ ଅନନ୍ୟା ଦାସ କହିଛନ୍ତି ।

ଶ୍ରୀମତୀ ଦାସ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, ଏହି ମାରାଥନ କ୍ରୀଡ଼ାପ୍ରେମୀଙ୍କୁ ଉତ୍ସାହିତ କରିବା ସହ ସ୍ୱାସ୍ଥ୍ୟ, ସମ୍ପ୍ରଦାୟ ଓ ମହାନଦୀ ପ୍ରତି ସାମୂହିକ ପ୍ରତିବଦ୍ଧତା ସୃଷ୍ଟି କରିବ । ମହାନଦୀର ଭାବନାକୁ ବର୍ଣ୍ଣନା କରି ସେ କହିଥିଲେ ଯେ ମହାନଦୀ ସର୍ବଦା ଗତିଶୀଳ ରହିଛି, ସେମିତି ଆମେ ଭି ଗତିଶୀଳ ହୋଇ ନିଜ ସୁସ୍ଥ ଜୀବନଶୈଳୀ ଅବଲମ୍ବନ କରିବା ।

ମାରାଥନ୍ ପାଇଁ ପଞ୍ଜୀକରଣ ଆରମ୍ଭ ହୋଇଛି ଏବଂ ଏହା ଆସନ୍ତା ମାସ ୩ ତାରିଖ ପର୍ଯ୍ୟନ୍ତ ଚାଲିବ । ମାରାଥନ୍ ପାଇଁ ଚାରିଟି ବର୍ଗ ଅଛି ଯେଉଁଥିରେ ଜଣେ ନାମ ଲେଖାଇ ପାରିବେ ।

ଏଥିରେ ୨୧ କିଲୋମିଟର, ୧୦କିମି, ୫କିମି ଏବଂ ୧ କିଲୋମିଟର ପରି ୪ଟି ବର୍ଗ ଅଛି । ଯେଉଁ ୨୧ କିମି ପାଇଁ ପଞ୍ଜିକରଣ ଫିସ୍ ୪୦୦ ଟଙ୍କା ରହିଥିବା ବେଳେ ୧୦ କିଲୋମିଟର ପାଇଁ ୩୦୦ ଟଙ୍କା ରହିଛି । ଏଥିରେ ୧୯ ବର୍ଷରୁ ଅଧିକ ବୟସର ବ୍ୟକ୍ତି ଅଂଶଗ୍ରହଣ କରିପାରିବେ । ୫ କିଲୋମିଟର ପାଇଁ ୧୫୦ ଟଙ୍କା ଏବଂ ୧୪ ବର୍ଷରୁ ୧୯ ବର୍ଷ ବୟସ ପର୍ଯ୍ୟନ୍ତ ଅଂଶଗ୍ରହଣ କରିପାରିବେ ଏବଂ ୧ କିଲୋମିଟର ପାଇଁ ୧୦୦ ଟଙ୍କା ରଖାଯାଇଛି । ଏହି ମାରାଥନ୍ ମାର୍ଗ ନେଲସନ୍ ମଣ୍ଡେଲା ଛକରୁ ଆରମ୍ଭ ହୋଇ ବ୍ରିଜ୍ ଚାଉଁରପୁର ପାର ହେବା ପରେ ପେଟ୍ରୋଲ ପମ୍ପ ପର୍ଯ୍ୟନ୍ତ ହେବ । ପରେ ପୁଣି ୟୁ ଟର୍ଣ୍ଣ ନେଇ ବ୍ରିଜ୍ ଦେଇ ସମଲେଇ ମନ୍ଦିର ଆଡ଼କୁ ଲିଙ୍କ୍‌ରୋଡ୍ ସହ ସଂଯୋଗ କରି ନେଲସନ ମଣ୍ଡେଲା ଛକକୁ ଫେରିବେ ବୋଲି ଶ୍ରୀମତୀ ଦାସ କହିଥିଲେ । ଏହି ଅବସରରେ ମାରାଥନ ପାଇଁ ଟି-ସାର୍ଟ ମଧ ଉନ୍ମୋଚନ କରାଯାଇଥିଲା । ସାମ୍ବାଦିକ ସମ୍ମିଳନୀରେ ସମ୍ବଲପୁର ଏସ୍.ପି ମୁକେଶ ଭାମ୍ରୁ, ଏସଏମସି କମିସନର ବେଦ ଭୂଷଣ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ପ୍ରଦୀପ କୁମାର ସାହୁ, ଟାଟା ଷ୍ଟିଲ୍ର ମୁଖ୍ୟ କ୍ରୀଡ଼ା ଅଧିକାରୀ ମୁକୁଲ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ ।




Printed, Published and Owned by Hemanta Kumar Mahapatra, Printed at Impressions Press,Sambalpur, Office Phone: 0663- 2950945
e-mail: hemantamahapatra@yahoo.com Editor : Hemanta Kumar Mahapatra